# ପଟ୍ଟାମୁଣ୍ଡାଇ ଅର୍ବାନ ବ୍ୟାଙ୍କର ପ୍ରତିଷ୍ଠା ଦିବସ

ପଟ୍ଟାମୁଣ୍ଡାଇ, ୮।୧(ସମିସ): ପଟ୍ଟାମୁଣ୍ଡାଇ ଅର୍ବାନ ବ୍ୟାଙ୍କର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ଅର୍ବାନ ବ୍ୟାଙ୍କ ଶାଖା ନିର୍ଦ୍ଦେଶକ ଅମୂଲ୍ୟ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରତିଷ୍ଠା ଦିବସ ଉତ୍ସବରେ ସିଇଓ ଭାଗ୍ୟଲକ୍ଷ୍ମୀ ପଣ୍ଡା ମୁଖ୍ୟ ଅତିଥି, ଜେନେରାଲ ମ୍ୟାନେଜର (ଅପରେସନ) ସୁରେଶ ଚନ୍ଦ୍ର ପରିଡ଼ା ମୁଖ୍ୟବକ୍ତା, ଆଳି ଶାଖା ନିର୍ଦ୍ଦେଶକ କଳ୍ପତରୁ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପଟ୍ଟାମୁଣ୍ଡାଇ ଶାଖା ଉତ୍ତମ ଗ୍ରାହକ ସେବା ଯୋଗାଇ ବ୍ୟବସାୟ କ୍ଷେତ୍ରରେ ବିଭିନ୍ନ ଜାତୀୟକରଣ ବ୍ୟାଙ୍କର ସମକକ୍ଷ ହୋଇପାରିବ ବୋଲି କହିଥିଲେ। ଶାଖା ନିର୍ଦ୍ଦେଶକ ଶ୍ରୀପ୍ରଧାନ ଅର୍ବାନ ବ୍ୟାଙ୍କର ପ୍ରତିଷ୍ଠାତା ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତିଙ୍କର ଅବଦାନ ଓ ବର୍ତ୍ତମାନର ସଭାପତି ଗୁରୁ ପ୍ରସନ୍ନ ମହାନ୍ତି ବ୍ୟାଙ୍କକୁ



ଆଗେଇ ନେବାର ଭୂମିକା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ବ୍ୟାଙ୍କ ଗ୍ରାହକ ମଳୟ ଦାସ, ସଞ୍ଜୀବ କର, ନୃସିଂହ ପ୍ରସାଦ ଚୌଧୁରୀ, ସତ୍ୟପ୍ରିୟ ସାମଲ, ଶାରଦା ପ୍ରସାଦ ଜେନା ପ୍ରମୁଖ ତାଙ୍କ ବକ୍ତବ୍ୟରେ ବ୍ୟାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଉତ୍ସବରେ ବ୍ୟାଙ୍କର କ୍ଷେତ୍ର ପରିଚାଳକ ଦିଲୀପ କୁମାର ରାଉତ, ସହକାରୀ ପରିଚାଳକ ବିଶ୍ୱ ପ୍ରକାଶ ନାୟକ, ସୁଶାନ୍ତ କୁମାର ପ୍ରଧାନ, କାର୍ତ୍ତିକେଶ୍ୱର ବେହେରା, ସନ୍ତୋଷ କୁମାର ରାଉତ, ହୃଷିକେଶ ମଲ୍ଲିକ, ଅମର ସ୍ୱାଇଁ, ବସନ୍ତ ମଲ୍ଲିକ, ରମେଶ ଗୋଛାୟତ, ଭାଗ୍ୟବନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଶାଖା ପରିଚାଳକ ଅଜିତ କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ।

# ପଟ୍ଟାମୁଣ୍ଡାଇରେ ନୂତନ ଅତିରିକ୍ତ ଜିଲ୍ଲା କୋର୍ଟ ଉଦ୍‌ଘାଟିତ

## ଭର୍ଚୁଆଲ୍ ମୋଡ୍‌ରେ ଉଦ୍‌ଘାଟନ କଲେ ହାଇକୋର୍ଟ ମୁଖ୍ୟ ବିଚାରପତି






ପଟ୍ଟାମୁଣ୍ଡାଇ, ୮।୧(ସମିସ): ଦୀର୍ଘ ଦିନର ଦାବି ପୂରଣ ହୋଇଛି। ବହୁ ପ୍ରତିକ୍ଷିତ ଅତିରିକ୍ତ ଜିଲ୍ଲା କୋର୍ଟ ପଟ୍ଟାମୁଣ୍ଡାଇ ଠାରେ ସ୍ଥାପନ ହୋଇଛି। ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟ ପରିସରରେ ନୂତନ ଅତିରିକ୍ତ ଜିଲ୍ଲା କୋର୍ଟକୁ ଆଜି ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂହ ଓ କେନ୍ଦ୍ରାପଡ଼ା ଜିଲ୍ଲା ଦାୟିତ୍ୱରେ ଥିବା ପ୍ରୋଟୋକଲ ଜଜ୍ ଏସ. କେ. ପାଣିଗ୍ରାହୀ ଭର୍ଚୁଆଲ ମୋଡ଼ରେ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବିଚାରପତି ଶ୍ରୀ ଶରଣ ସିଂହ ନୂତନ ଅତିରିକ୍ତ ଜିଲ୍ଲା କୋର୍ଟ ସମସ୍ତ ଜନ ସାଧାରଣଙ୍କ ଆସ୍ଥାଭାଜନ ହୋଇ କାର୍ଯ୍ୟ କରିବ ବୋଲି ଆଶା ପ୍ରକଟ କରିବା ସହିତ ସମସ୍ତ ନ୍ୟାୟିକ ବ୍ୟବସ୍ଥା ସୁରୁଖୁରୁରେ ଚାଲିବା ପାଇଁ ଉଭୟ ବେଞ୍ଚ ଓ ବାର ମଧ୍ୟରେ ଉତ୍ତମ ସମନ୍ୱୟର ଆବଶ୍ୟକତା ରହିଛି ବୋଲି ମତ ବ୍ୟକ୍ତ କରିଥିଲେ। ଏହାଛଡା ସମସ୍ତ ଆଇନଜୀବୀ ନିଷ୍ଠାପର ଭାବରେ କର୍ତ୍ତବ୍ୟ ସମ୍ପାଦନ କଲେ ତୁରନ୍ତ ମାମଲା ଗୁଡିକ ଫଇସଲା ହୋଇ ସାଧାରଣ ଲୋକମାନେ ତ୍ୱରିତ ନ୍ୟାୟ ପାଇପାରିବେ ବୋଲି ପ୍ରକାଶ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ଜଜ୍ ବିଶ୍ୱଜିତ ମହାନ୍ତିଙ୍କ ପୌରୋହିତ୍ୟରେ ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟ ପରିସରରେ ନୂତନ ଏଡିଜେ କୋର୍ଟ ଉଦ୍‌ଘାଟନ ଉତ୍ସବ ଆୟୋଜିତ ହୋଇଥିଲା। ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ ଏଡିଜେ କୋର୍ଟର ନବନିଯୁକ୍ତି ବିଚାରପତି ବିଦ୍ୟାଧର ପୃଷ୍ଟି ସମସ୍ତଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବାକୁ ଉଦ୍ୟମ କରିବା ସହିତ ଏହି ନୂତନ କୋର୍ଟର ସଫଳତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଉତ୍ସବରେ ଜିଲ୍ଲା ରେଜିଷ୍ଟ୍ରାର ରମାଦେବୀ ସୋରେନ, ପଟ୍ଟାମୁଣ୍ଡାଇ ସବ୍‌ଜଜ୍ ସୁଶ୍ରୀ ସଙ୍ଗୀତା ମଲ୍ଲିକ, ଜେଏମ୍‌ଏଫସି ବିଦ୍ୟୁତଲତା ପ୍ରଧାନ ଓ ଡିକେ ବାଲକ୍ରିଷ୍ଣନ୍, କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଏସ୍‌ପି ସିଦ୍ଧାର୍ଥ କଟାରିଆ, ତହସିଲଦାର ପଞ୍ଚାନନ ନାୟକ, ଏସ୍‌ଡିପିଓ କ୍ଷମାସାଗର ପଣ୍ଡା, ପଟ୍ଟାମୁଣ୍ଡାଇ ଓକିଲ ସଂଘ ସଭାପତି ତପନ କୁମାର ମିଶ୍ର, ସମ୍ପାଦକ ରବୀନ୍ଦ୍ର କୁମାର ଦାଶ, ଉପସଭାପତି ସୁରେଶ କୁମାର ନରେନ୍ଦ୍ର, ଯୁଗ୍ମ ସମ୍ପାଦକ ମନୋଜ କୁମାର ନାୟକ, କୋଷାଧକ୍ଷ ଧୀରେନ୍ଦ୍ରନାଥ ସାହୁ, ପାଠାଗାର ସମ୍ପାଦକ ପ୍ରକାଶ କୁମାର ପାତ୍ର, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ସୁଶାନ୍ତ ସାହୁ, ପଟ୍ଟାମୁଣ୍ଡାଇ ବାର ଆସୋସିଏସନ ପୂର୍ବତନ ସଭାପତି ଭୀମସେନ ପ୍ରଧାନ, ବିଜ୍ଞାନ ମିହିର ଜେନା, ବରିଷ୍ଠ ଆଡ୍‌ଭୋକେଟ୍ କିଶୋର କୁଣ୍ଡୁ, ପ୍ରମୋଦ ସାହୁ, ସୌମ୍ୟରଞ୍ଜନ ଧଳ, ସୁଶୀଲ ଦାଶ, ସୁଶାନ୍ତ ସାମଲ, ଅଭିରାମ କୁଣ୍ଡ, ଭବାନୀ ପଣ୍ଡା, ହୃଦାନନ୍ଦ ମହାନ୍ତି, ପ୍ରଣତି ଦାସ, ଚିତ୍ତରଞ୍ଜନ ଦାସ, ତପନ ନନ୍ଦୀ, ଗୋବର୍ଦ୍ଧନ ପ୍ରଧାନ ରାମକୃଷ୍ଣ ଦାଶ, ପ୍ରଫୁଲ୍ଲ ଦାଶ, ବିଦ୍ୟାଭୂଷଣ ଦାଶ, ପ୍ରତାପ ପୃଷ୍ଟି, ବିଦ୍ୟାଧର ଦାଶ, ରିତାଞ୍ଜଳୀ ଦାଶ, ଗୀତାଞ୍ଜଳୀ ପୃଷ୍ଟି, ଜିତେନ୍ଦ୍ର ନନ୍ଦୀ, ଗୋପୀନାଥ ତ୍ରିପାଠୀ, ଅକ୍ଷୟ ସାହୁ, ସଞ୍ଜୀବ କର, ବିଜୟ ରାଉତ ପ୍ରମୁଖ ବହୁ ଆଇନଜୀବୀଙ୍କ ସମେତ କେନ୍ଦ୍ରାପଡ଼ା, ଆଳି, ରାଜନଗର ଓକିଲ ସଂଘ କର୍ମକର୍ତ୍ତା ଓ ମାନ୍ୟଗଣ୍ୟ ବ୍ୟକ୍ତି ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ।

# ପଟ୍ଟାମୁଣ୍ଡାଇ କଲେଜ ପୁରାତନ ଛାତ୍ରଙ୍କ ସମାବେଶ



ପଟ୍ଟାମୁଣ୍ଡାଇ, ୮।୧(ସମିସ): ପଟ୍ଟାମୁଣ୍ଡାଇ କଲେଜ ୧୯୯୩ ବ୍ୟାଚ ସ୍ନାତକ ଛାତ୍ରଛାତ୍ରୀଙ୍କ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପୁରତନ ଛାତ୍ର କବି ଅନ୍ତର୍ଯ୍ୟାମୀ ବେଜଙ୍କ ପୌରୋହିତ୍ୟରେ ଆୟୋଜିତ ସମାବେଶରେ ପଟ୍ଟାମୁଣ୍ଡାଇ କଲେଜ ଓଡ଼ିଆ ବିଭାଗର ପ୍ରାକ୍ତନ ପ୍ରାଧ୍ୟାପକ ଜଗନ୍ନାଥ ତ୍ରିପାଠୀ ଓ କଲେଜ ଅଧ୍ୟକ୍ଷ ପ୍ରଫେସର ଦିଲୀପ କୁମାର ଭୂୟାଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶିକ୍ଷାନୁଷ୍ଠାନ ଓ ସମାଜସେବାରେ ନିୟୋଜିତ ହେବାକୁ ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ପୁରାତନ ଛାତ୍ର ତପନ କୁମାର ପାତ୍ର ସ୍ୱାଗତ ଭାଷଣ ଓ ନୃସିଂହ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁରାତନ ଛାତ୍ର ପ୍ରସନ୍ନଜିତ ସାମନ୍ତରାୟ, ତୁଳସୀ ଚୌଧୁରୀ, ନିମାଇଁ ଦାସ, ପ୍ରଫୁଲ୍ଲ ଦାଶ, ବିଶ୍ୱରଞ୍ଜନ ପାତ୍ର, ଉପେନ୍ଦ୍ର ନାୟକ, ବସନ୍ତ ମଞ୍ଜରୀ ଦାସ, ବନପ୍ରଭା ବେହେରା, ଶ୍ରୀମନ୍ତ ଜେନା, ସହଦେବ ସାହୁ, ହେମନ୍ତ ରାଉତ, ଶୁଭ୍ରକାନ୍ତ ଭ୍ରମରବର ରାୟ, ମକର ନାୟକ, ବିଶ୍ୱ ରଞ୍ଜନ ଭୂୟାଁ, ଶୁଭଦୀପ ଗୁପ୍ତା, ବସନ୍ତ ନାୟକ, ସୌଦାମିନୀ ମହାନ୍ତି, ଅନିତା ମହାନ୍ତି ସୁରେଶ ସାହୁ, ରାମଚନ୍ଦ୍ର ରାଉତ, ତ୍ରିଲୋଚନ ନାୟକ, ପ୍ୟାରୀମୋହନ ସେଠୀ, ହିମାଂଶୁ ଧଳ, ପ୍ରଭାତ ରଞ୍ଜନ ପ୍ରଧାନ, ଗୌତମ ରାଉତ, କପିଳ ବେହେରା, ଅରୁଣ ପାତ୍ର, ତୃପ୍ତୀମୀ ପାତ୍ର, ବିଜୟ କେତନ ସାହୁ, ସୁବାସ ସାହୁ ଓ ହେମନ୍ତ ପାତ୍ର ପ୍ରମୁଖ ଯୋଗ ଦେଇ କଲେଜ ଜୀବନର ସ୍ମୃତିଚାରଣ କରିଥିଲେ। ଶେଷରେ ମୃତ୍ୟୁଞ୍ଜୟ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଗହୀରମଥାରୁ ଟ୍ରଲର ଜବତ; ୯ ମତ୍ସ୍ୟଜୀବୀ ଗିରଫ

ରାଜନଗର, ୮।୧(ସମିସ): ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ୍ ଗୋଟିଏ ଟ୍ରଲର ଜବତ କରିବା ସହ ଏଥିରେ ଥିବା ୯ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗହୀରମଥା ରେଞ୍ଜ ଦାୟିତ୍ୱରେ ଥିବା ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ବନ ବିଭାଗର ପାଟ୍ରୋଲିଂ ଟିମ୍ ଏକକୁଳା ନିକଟରେ ନୁରଯାହାଁ ନାମକ ଟ୍ରଲରକୁ ଜବତ କରିଥିଲେ। ଜବତ ଟ୍ରଲରରୁ ୩୦ କେଜି ମାଛ, ଗୋଟିଏ ଜିପିଏସ, ୩ ଭିଏଚଏଫ, ଗୋଟିଏ ଫିସ ଫାଇଣ୍ଡର ଓ ୧୧ଟି ଜାଲ, ୨ଟି ମୋବାଇଲ ଫୋନ ଜବତ କରାଯାଇଛି। ଟ୍ରଲରେ ଥିବା ମତ୍ସ୍ୟଜୀବୀ ମାନେ ହେଲେ ଗୋବିନ୍ଦ ଗିରି,



ବଳରାମ ଗୋଛାୟତ, ରାଜେନ୍ଦ୍ର ମଳିକ, ଚନ୍ଦନ ଦାସ, ଗୋବିନ୍ଦ ଦାସ, ରାମଚନ୍ଦ୍ର ନାୟକ, ଗୌତମ ଦାସ, ନରେନ୍ଦ୍ର ଦାସ, ରାଜେନ୍ଦ୍ର ମଳିକ ପ୍ରମୁଖ ୯ ଜଣଙ୍କୁ ଗିରଫ କରାଯାଇ ବନ୍ୟପ୍ରାଣୀ ଆଇନି ୧୯୭୨ରେ ମୋକଦ୍ଦମା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ବନବିଭାଗ ସୂଚନା ମିଳିଛି। ଗିରଫ ମତ୍ସ୍ୟଜୀବୀମାନେ ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ା ଅଞ୍ଚଳର ବୋଲି ଜଣାପଡ଼ିଛି।

# ଚୋରି ବାଲିରେ ଜାତୀୟ ରାଜପଥ ନିର୍ମାଣ ଘଟଣା

# ଅଭିଯୁକ୍ତଙ୍କ ବିରୋଧରେ ଏତଲା

ଡେରାବିଶ, ୮।୧(ସମିସ): ଦୈନିକ ଶହ ଶହ ଟ୍ରକ୍ ବାଲି ଚୋରି କରି ଜାତୀୟ ରାଜପଥ ତିଆରି କରାଯାଉଛି। ଏଥିରେ ସମ୍ପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଡେରାବିଶ ଥାନାରେ ଏକ ଏତଲା ଦିଆଯିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। ଏହା ସହ ଚୋରା ବାଲିକୁ ଜବତ କରିବା ଓ ବାଲି ବ୍ୟବହାରକୁ ବନ୍ଦ କରିବା ନେଇ ଏତଲାରେ ଦର୍ଶାଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲା ଦେଇ ଯାଉଥିବା ଚଣ୍ଡିଖୋଲ, ପାରାଦ୍ୱୀପ, ଜାତୀୟ ରାଜପଥ ୭୦ କିଲୋମିଟର ରାସ୍ତାରେ ଆଠଧାଡିଆ ପ୍ରଶସ୍ତିକରଣ କାର୍ଯ୍ୟରେ ଚୋରା ବାଲି ଓ ମାଟି ବ୍ୟବହାର ହେଉଛି। ଯାହାରକି କୌଣସି କାଗଜପତ୍ର ମାଟି ଓ ବାଲି ବ୍ୟବହାର କରୁଥିବା ଅଧିକାରୀଙ୍କ ପାଖରେ ନାହିଁ। କେନ୍ଦ୍ରାପଡ଼ା ଜିଲ୍ଲାରେ ୭ ନଦୀ ଓ ୨୭ ଉପନଦୀରେ ବାଲି ମହଜୁଦ ଥିଲା ବେଳେ ସୈରାତ ନିଲାମ ଅଭାବରୁ ଗୋଟିଏ ସ୍ଥାନକୁ ଛାଡ଼ି ଦେଲେ ଅନ୍ୟ କୌଣସି ସ୍ଥାନରେ ବାଲି ଉଠାଣକୁ ନେଇ ନିଷେଧାଜ୍ଞା ବଳବତ୍ତର ଅଛି। କେନ୍ଦ୍ରାପଡ଼ା ଜିଲ୍ଲାବାସୀଙ୍କ ତରଫରୁ ମାଟି ବାଲି ପାଣି ସୁରକ୍ଷା ମଞ୍ଚ



ଗତ ନଭେମ୍ବର ମାସରେ ବିନା ମୂଲ୍ୟରେ ଟ୍ରାକ୍ଟରରେ ବାଲି ଉଠାଇବା ପାଇଁ ଅନୁମତି ମାଗିଥିଲା। ପରେ ଡିସେମ୍ବର ୨ ତାରିଖ ଜନଶୁଣାଣିରେ ବାଲି ସତ୍ୟାଗ୍ରହ ଅନୁମତି ମଗାଯିବାରୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ, କେନ୍ଦ୍ରାପଡ଼ା ଜିଲ୍ଲା ଖଣି ଅଧିକାରୀଙ୍କ ନିକଟକୁ ସବିଶେଷ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ସ୍ଥାନୀୟ ପୁଲିସ ଓ ମାଇନିଂ ଅଧିକାରୀ ଓ ଦାନପୁର ସରପଞ୍ଚଙ୍କ ଉପସ୍ଥିତିରେ ଆଲୋଚନା ହୋଇ ସୈରାତ ନିଲାମ ନ ହେଲା ପର୍ଯ୍ୟନ୍ତ କୌଣସି ସ୍ଥାନରୁ ମେସିନ ଲଗାଇ ବାଲି ନ ଉଠାଇବା ପାଇଁ ନିଷ୍ପତ୍ତି ହୋଇଥିଲା। ସାଧାରଣ ଲୋକଟିଏ ଗୋଟିଏ ଟ୍ରାକ୍ଟର ବାଲି ମାଗିଲେ ରୟାଲିଟି ବାବଦକୁ ବାଲି ମାଫିଆ ମାନେ ୭୦୦ ରୁ ୧୦୦୦ ଟଙ୍କା ଜୋର ଜବରଦସ୍ତ ଆଦାୟ କରୁଛନ୍ତି। ପ୍ରତିବାଦ କଲେ ଗାଡ଼ି ଚଢ଼ାଇ ମାରିଦେବା ଓ ବନ୍ଧୁକର ଧମକ ଦିଆଯାଉଛି। ଗୋଟିଏ ଟ୍ରାକ୍ଟର ବାଲି ଘରେ ପହଞ୍ଚିଲା ବେଳକୁ ୩୦୦୦ ଟଙ୍କା ଖର୍ଚ୍ଚ ହେଉଛି।

ପ୍ରକାଶ ଥାଉକି ଗତବର୍ଷ ଜାନୁଆରୀ ମାସରେ କେନ୍ଦ୍ରାପଡ଼ା ମାଟିରେ ଜାତୀୟ ରାଜପଥ ତିଆରି ହେଉଥିବା ବେଳେ ଏହି ମଞ୍ଚ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଗତ ମାର୍ଚ୍ଚ ମାସ ୧୭ ତାରିଖରେ ଅଭିଯୋଗ କରିଥିଲା। ତତ୍କାଳୀନ ଜିଲ୍ଲାପାଳଙ୍କ ଜିପସମ ଓ ଫ୍ଲାଏଆସରେ ରାସ୍ତା ତିଆରି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ଆଦେଶକୁ ଉଲଘଂନ କରାଯାଇ ବାଲିରେ ରାସ୍ତା ତିଆରି ହେଉଛି। ଅପର ପକ୍ଷରେ ୩/୪ ଦିନ ହେବ ଲୁଣା, କରାଣ୍ଡିଆ, ବ୍ରାହ୍ମଣୀ, ଚିତ୍ରୋତ୍ପଳା, ବିରୁପା ନଦୀରୁ ୪୦ରୁ ଅଧିକ ବଡ଼ ବଡ଼ ମେସିନ ଦ୍ୱାରା ୨୦ଫୁଟ ପର୍ଯ୍ୟନ୍ତ ବାଲି ତାଡ଼ି ଜାତୀୟ ରାଜପଥ ତିଆରି କରାଯାଉଛି। ସମ୍ପୂର୍ଣ୍ଣ ଚୋରି ବାଲିରେ ଜାତୀୟ ରାଜପଥ ତିଆରି ହେଉଥିବାରୁ ସେମାନଙ୍କ ବିରୁଦ୍ଧରେ ବାଲି ଚୋରି ମାମଲା ଦାୟର କରାଯାଇ ସେମାନଙ୍କୁ ଗିରଫ କରାଯାଉ ଓ ନଦୀରେ ବ୍ୟବହାର କରାଯାଉଥିବା ହିଟାଚି ଓ ହାଇୱାକୁ ଜବତ କରାଯାଉ ବୋଲି ଦାବି ହୋଇଥିଲା। ଗତ ଦୁଇ ଦିନ ତଳେ ଜିଲ୍ଲାପାଳଙ୍କ ଅବଗତି ନିମନ୍ତେ ଏହା ଜଣାଇ ଦିଆଯାଇଥିଲ। ଜିଲ୍ଲାପାଳ ଖଣି ବିଭାଗ ଅଧିକାରୀଙ୍କୁ ବାଲି ବ୍ୟବହାର ନକରିବା ପାଇଁ ତାଗିଦ କରିଥିଲେ। ଚୋରା ବାଲିରେ ରାସ୍ତା ନିର୍ମାଣକୁ ନାପସନ୍ଦ କରିଥିଲେ। ଆଜି ଛଗରିଆ ଠାରୁ ଟିକରପଙ୍ଗା ପର୍ଯ୍ୟନ୍ତ ରାସ୍ତାର ଉଭୟପଟରେ ଚୋରା ବାଲି ବ୍ୟବହାର କରାଯାଇ ରାସ୍ତା ନିର୍ମାଣ କରିଥିବାରୁ ଏନ୍‌ଏଚ୍, ପିଡି, ପ୍ରୋଜେକ୍ଟ ମ୍ୟାନେଜର, ରୋଡ ମ୍ୟାନେଜର, ଚିଫ୍ ଇଞ୍ଜିନିୟର, ଆସିଷ୍ଟାଣ୍ଟ ଇଞ୍ଜିନିୟର ଏବଂ ସୁପରଭାଇଜରଙ୍କ ବିରୋଧରେ ଲିଖିତ ଏତଲା ଦିଆଯାଇଛି। ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସମସ୍ତଙ୍କୁ ଗିରଫ କରିବାକୁ ମଞ୍ଚର ଆବାହକ ବିଧୁଭୂଷଣ ମହାପାତ୍ର ଦାବି କରିଛନ୍ତି।

# ୧୪ନଂ ଜୋନ୍ ବିଜେପି ସଭାପତି ନିର୍ବାଚନ



ଡେରାବିଶ, ୮।୧(ସମିସ): ରାଜ୍ୟରେ ବିଜେପିର ସାଂଗଠନିକ ନିର୍ବାଚନ ଚାଲିଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଅନ୍ତର୍ଗତ ୧୪ ନଂ (ଚାନ୍ଦୋଳ) ଜିଲ୍ଲା ପରିଷଦ ଜୋନ୍‌ର ସଭାପତି ଭାବେ ତାପସ ରଞ୍ଜନ ନାୟକ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଶ୍ରୀ ନାୟକ ଏହା ପୂର୍ବରୁ କାମଚଳା ସଭାପତି ଭାବେ କିଛିମାସ କାର୍ଯ୍ୟନିର୍ବାହ କରିଥିଲେ। ଏବେ ନିର୍ବାଚିତ ପରେ ୧୪ ନଂ ଜୋନ୍ ଅନ୍ତର୍ଗତ ସମସ୍ତ ପଞ୍ଚାୟତର କାର୍ଯ୍ୟକର୍ତ୍ତା, ଜିଲ୍ଲାର କାର୍ଯ୍ୟକର୍ତାଙ୍କ ଉପସ୍ଥିତିରେ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଶ୍ରୀ ନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀ ନାୟକ ଜଣେ ଦକ୍ଷ ଓ ଯୁବ ସଂଗଠକ। ସେ ଦଳର ସଂଗଠନକୁ ଦୃଢ଼ କରିବେ ବୋଲି ତାଙ୍କ ସମ୍ବର୍ଦ୍ଧନାର ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ସେ ତାଙ୍କର ଏହି ବିଜୟ ପାଇଁ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲ୍ଲିକ, ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ବରିଷ୍ଠ ବିଜେପି ନେତ୍ରୀ ମନିଷା ପଣ୍ଡା, ମମତା ସେଠୀ, ସରୋଜକାନ୍ତ ପଣ୍ଡା, ସୁରେଶ ପଟ୍ଟନାୟକ, ଧିରେନ୍ଦ୍ର ଶତପଥି, ପ୍ରୀୟଦର୍ଶନ ସ୍ୱାଇଁ ଓ ଅଜୟ ମଲ୍ଲ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇବା ସହ ଜିଲ୍ଲା ସଭାପତି କିଶୋର ଚନ୍ଦ୍ର ପଣ୍ଡା, ରାଜ୍ୟ ସଭାପତି ମନମୋହନ ସାମଲ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି।

# ୪ ବଖରା ଘରପୋଡ଼ି ପାଉଁଶ



କେନ୍ଦ୍ରାପଡ଼ା, ୮।୧(ସମିସ): କେନ୍ଦ୍ରାପଡ଼ା ପୌରାଞ୍ଚଳ ଅନ୍ତର୍ଗତ ଜଇପୁରା ଗ୍ରାମରେ ସର୍ଟସର୍କିଟ୍ ଦ୍ୱାରା ୪ ବଖରା ଘର ପୋଡ଼ିଯିବା ସହ ପ୍ରାୟ ୧୦ ଲକ୍ଷ ଟଙ୍କାର ସମ୍ପତି ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି। ମିଳିଥିବା ସୂଚନା ଅନୁଯାୟ ବୁଧବାର ଦିନ ୧୧ଟା ସମୟରେ ସେକ ଚାନ୍ଦଙ୍କର ଘରେ ନିଆଁ ଲାଗି ଯାଇଥିଲା। ନିଆଁର ପ୍ରକୋପ ଜୋର୍‌ରେ ଥିବାରୁ ଘର ଭିତରୁ କୌଣସି ସାମଗ୍ରୀ ଉଦ୍ଧାର କରାଯାଇ ପାରିନାହିଁ। ନଗଦ ଟଙ୍କା ସହ ପିଲାଙ୍କର ବିଭିନ୍ନ ପ୍ରମାଣପତ୍ର, ଆଧାର କାର୍ଡ, ଭୋଟର କାର୍ଡ ଏବଂ ଘରର ସମସ୍ତ ସାମଗ୍ରୀ ପୋଡି ଯାଇଛି। ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଥିଲେ ମଧ୍ୟ ନିଆଁକୁ ଆୟତ କରିପାରି ନଥିଲେ। ଘର ପୋଡି ଯିବା ଫଳରେ ପରିବାରର ସମସ୍ତ ସଦସ୍ୟ ସର୍ବହରା ହୋଇ ଯାଇଛନ୍ତି। ତୁରନ୍ତ ଏହି ପରିବାରକୁ ସାହାଯ୍ୟ ଯୋଗାଇ ଦେବାକୁ ଦାବି ହୋଇଛି।

# କିଡ୍‌ନୀ ରୋଗରେ ଅସୁସ୍ଥ ରଞ୍ଜନ: କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ ସୋସାଇଟିର ଆର୍ଥିକ ସହାୟତା

ଡେରାବିଶ, ୮।୧(ସମିସ): ଡେରାବିଶ ବ୍ଲକ କାଉପଡ଼ା ପଞ୍ଚାୟତ ନରଣପୁର(ବାଘିଲୋ) ଗ୍ରାମର ହରେକୃଷ୍ଣ ସାହୁଙ୍କ ପୁଅ ରଞ୍ଜନ(୩୫) ଦୀର୍ଘ ବର୍ଷ ହେବ କୀଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଆର୍ଥିକ ଦୂରାବସ୍ଥା ମଧ୍ୟରେ ଗତି କରୁଥିବା ରଞ୍ଜନଙ୍କୁ କେନ୍ଦ୍ରପଡ଼ା କ୍ରେଡିଟ କୋ-ଅପରେଟିଭ ସୋସାଇଟି ପକ୍ଷରୁ ଆଜି ସହାୟତା କରାଯାଇଛି। ସୋସାଇଟିର ସଭାପତି ତଥା ବିଶିଷ୍ଟ ସମବାୟବିତ୍ ପ୍ରମୋଦ କୁମାର ସାହୁ ଆଜି ସକାଳେ ରଞ୍ଜନଙ୍କ ଘରେ ପହଞ୍ଚି ତାଙ୍କୁ ଅର୍ଥରାଶି ପ୍ରଦାନ କରିଥିଲେ। ଶ୍ରୀ ସାହୁଙ୍କ ସହ ମୁଖ୍ୟ ଶାଖା ପରିଚାଳକ ପଙ୍କଜ ମଲ୍ଲିକ, କର୍ମଚାରୀ ରାଜକିଶୋର କର ଓ ସମାଜସେବୀ ଲିଜାରାଣୀ କର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ସାହୁ ନିଜ ପ୍ରତିକ୍ରିୟା ରଖି ଗରିବ ଅସହାୟ ବ୍ୟକ୍ତିଙ୍କ ସମେତ ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ସୋସାଇଟି ପକ୍ଷରୁ ସହାୟତା ପ୍ରଦାନ କରାଯାଉଥିବା ସୂଚନା ଦେଇଥିଲେ। ସୂଚନାଯୋଗ୍ୟ, ରଞ୍ଜନ ଦୀର୍ଘ ବର୍ଷ ହେବ କିଡନୀ ରୋଗରେ ଆକ୍ରାନ୍ତ ହୋଇଥିବା



ବେଳେ ପ୍ରତ୍ୟେକ ମାସରେ ୧୦ ରୁ ୧୨ ଥର କଟକକୁ ଯାଇ ଡାୟଲୋସିସ କରାଇଥାନ୍ତି। ବାପା ହରେକୃଷ୍ଣ ଓ ମାଆ କମଳାଙ୍କ ସମେତ ସ୍ତ୍ରୀ ସୁବାସିନୀ, ୧୦ ବର୍ଷୀୟ ଝିଅ ଓ ୭ବର୍ଷର ପୁଅଙ୍କ ଭରଣପୋଷଣ ଭାବେ ସମ୍ପୂର୍ଣ୍ଣ ରୂପେ ରଞ୍ଜନଙ୍କ ଉପରେ ନିର୍ଭର କରୁଥିଲା। ଦହିବରା ବେପାର କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ରଞ୍ଜନଙ୍କ ଉପରେ ଯେପରି ହଠାତ୍ କଳାବାଦଲ ଘୋଟି ଆସିଥିଲା। ହଠାତ କିଡ୍‌ନୀ ରୋଗରୁ ସୁସ୍ଥ ହେବା ପାଇଁ ମାସିକ ୧୦ ରୁ ୧୨ ହଜାର ଟଙ୍କା ଯୋଗାଡ଼ କରିବା ପରିବାର ପାଇଁ ସମ୍ପୂର୍ଣ୍ଣ ଅସମ୍ଭବ ହୋଇ ପଡ଼ିଛି। ଘରର ସମସ୍ତ ଆସବାବପତ୍ର ବନ୍ଧା ପକାଇ କିମ୍ବା ବିକ୍ରି କରି ପୁଅକୁ ଆରୋଗ୍ୟ କରିବା ପାଇଁ ହରେକୃଷ୍ଣ ଅର୍ଥ ବ୍ୟୟ କରୁଥିବା ବେଳେ ଅନ୍ୟଠୁ ଧାର କରଜ କରି ଏକ ପ୍ରକାର ସର୍ବସ୍ୱାନ୍ତ ହୋଇପଡ଼ିଥିବା ଜଣାଯାଇଛି। ଏପରି ବିପଦ ସମୟରେ ସୋସାଇଟି ପକ୍ଷରୁ ପ୍ରଦାନ କରାଯାଇଥିବା ସହାୟତା ପାଇଁ ପରିବାର ଓ ଗ୍ରାମବାସୀ ପ୍ରମୋଦଙ୍କୁ ସାଧୁବାଦ ଜଣାଇଛନ୍ତି।

ଶ୍ରଦ୍ଧାଞ୍ଜଳି



୰ ଶିତଲ ଶତପଥୀ
ଆବିର୍ଭାବ : ୦୭.୦୩.୧୯୭୯ / ତିରୋଧାନ: ୨୯.୧୨.୨୦୨୪
ବାସସ୍ଥାନ: ପ୍ରତାପ ଶାସନ, ବାଲକାଟି
ତୁମ୍ଭର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟପରାୟଣତା ଆମ୍ଭମାନଙ୍କ ପାଇଁ ଅଭୁଲା ସ୍ମୃତି ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-: ଶୋକସନ୍ତପ୍ତ :-
ଅଜିତ, ଶୁଭମ, ଅନ୍ନପୂର୍ଣ୍ଣା, ଦୁର୍ଗାପ୍ରସାଦ, ରଶ୍ମିତା, ପ୍ରିୟଙ୍କା, ଶିବାଂଶୁ, ସମସ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

# ପ୍ରବାସୀ ଭାରତୀୟ ଦିବସ ପାଳିତ



କେନ୍ଦ୍ରାପଡ଼ା, ୮।୧(ସମିସ): ସମଗ୍ର ଶିକ୍ଷା କେନ୍ଦ୍ରାପଡ଼ା ଆନୁକୂଲ୍ୟରେ ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ସ୍ଥାନୀୟ ମୁନିସିପାଲଟି ଟାଉନହଲ୍‌ଠାରେ ଜିଲ୍ଲାର ୯ଗୋଟି ବ୍ଲକର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷାଧିକାରୀ, ପ୍ରଶାସନିକ ଅଧିକାରୀ, ଅଭିଭାବକ ଓ ଲୋକ ପ୍ରତିନିଧିମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସାଇକଲଚାଳନା, କୁଇଜ୍, ପୋଷ୍ଟର ପ୍ରସ୍ତୁତି ଓ ଉପସ୍ଥାପନା ଏବଂ ରଚନା ଲିଖନ କରାଯାଇଥିଲା। ଉଦ୍‌ଘାଟନୀ ପର୍ବରେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ ଶ୍ରୀଜୀଉଙ୍କର ତୈଳଚିତ୍ର ପାଖରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାକୁ ଶୁଭ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେରାବିଶ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା, କେନ୍ଦ୍ରାପଡ଼ା ବ୍ଲକ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଳାଇ, ମାର୍ଶାଘାଇ ବ୍ଲକ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ ସ୍ୱାଇଁ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ସାଂସଦଙ୍କ ପ୍ରତିନିଧି କିଶୋର ଚନ୍ଦ୍ର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ସରକାରୀ ଜିଲ୍ଲା ଲୋକ ସମ୍ପର୍କ ସୂଚନା ପ୍ରସାରଣ ଅଧିକାରୀ ଅଶୋକ ବଳିଆରସିଂ, ମୁନିସିପାଲଟି ଅଧକ୍ଷା ସରିତା ସାହୁ, ସୂର୍ଯ୍ୟନାରାୟଣ ମିଶ୍ର, ବିତ୍ତ ଅଧିକାରୀ, ସରକାରୀ ମଣ୍ଡଳ ଶିକ୍ଷା ଅଧିକାରୀ ଚିତ୍ତ ରଞ୍ଜନ ଜେନା, ବଳଦେବ ପ୍ରସାଦ ଜେନା, ଦେବଦତ୍ତ ଶତପଥୀ, ମନୋରଞ୍ଜନ ପଟ୍ଟନାୟକ, ବଳଦେବ ଉପାଧ୍ୟାୟ, ମିନତୀ ସେଠୀ, ଜିଲ୍ଲାର ଅନ୍ୟ ସହକାରୀ ମଣ୍ଡଳ ଶିକ୍ଷା ଅଧିକାରୀଙ୍କନ ସମେତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅନନ୍ତ କୁମାର ପରିଡ଼ା ମଞ୍ଚ ପରିଚାଳନା କରିବା ସହ ମହମ୍ମଦ ଅଜଗର ଅଲ୍ଲୀ, ଫୟାଜଉଦ୍ଦିନ, ରାଜେଶ ବାରିକ, ମାମୁନି ସିଂହ, ଦେବେନ୍ଦ୍ର ନାୟକ, ବିଷ୍ଣୁଚରଣ ସାମଲ, ସହ ବିଜ୍ଞାନ ପରିଦର୍ଶକ ପ୍ରକାଶ ପରିଡ଼ା, ସମଗ୍ର ଶିକ୍ଷାର କର୍ମକର୍ତ୍ତା ଜୟୀରାମ ସେଠୀ, ରମେଶ ଚନ୍ଦ୍ର ସ୍ୱାଇଁ, ଚନ୍ଦନ କୁମାର ସ୍ୱାଇଁ, ବିଜୟ କୁମାର ପରିଡ଼ା, ବିନୋଦ ବିହାରୀ ସାହୁ, ପ୍ରକାଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ ସହ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ସଂଯୋଜିକା କିରଣତୃଷ୍ଣା ସାହୁ କୃତଜ୍ଞତା ଜ୍ଞାପନ କରିଥିଲେ।



# ନାଲକୋର ୪୫ତମ ପ୍ରତିଷ୍ଠା ଦିବସ ପାଳିତ



ଅନୁଗୋଳ, ୮ ।୧(ସମିସ): ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲକୋର ୪୫ତମ ପ୍ରତିଷ୍ଠା ଉତ୍ସବ ଦୁଇଦିନ ଧରି ନାଲକୋନଗର ଗୋପବନ୍ଧୁ ପାର୍କ ନିକଟ ଓପନ ଏଆର ପେଣ୍ଡାଲରେ ଅନୁଷ୍ଠିତ ହୋଇଛି । ମଙ୍ଗଳବାର ସନ୍ଧ୍ୟାରେ କାର୍ଯ୍ୟକ୍ରମ ଉଦଘାଟିତ ହୋଇଥିଲା । ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇନ୍ ଚାର୍ଜ ଶ୍ରୀନିବାସ ସୁବ୍ରମଣ୍ୟମ ନରେଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନାଲକୋର ପୂର୍ବତନ ସିଏମଡି ଗଦାଧର ଉପାଧ୍ୟାୟ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଆଇଏଏସ ଅଫିସର ପ୍ରଦୀପ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଦ୍ୟୁଭୂଷଣ ମିଶ୍ର, ଜିଜିଏମ ସିପିପି ଅମରେନ୍ଦ୍ର ମିଶ୍ରଙ୍କ ସମେତ ନାଲକୋର ସମସ୍ତ ମହାପ୍ରବନ୍ଧକ ଓ ଅଧିକାରୀ ଯୋଗଦେଇଥିଲେ । ମାନବ ସମ୍ବଳ ମହାପ୍ରବନ୍ଧକ ଶୁଭେନ୍ଦୁ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ନାଲକୋର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ କୃତିତ୍ୱ ହାସଲ କରିଥିବା ୩୩ କର୍ମଚାରୀଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ । ନାଲକୋର କିଶୋର କୁମାର ବେହେରା, ଜିଗ୍ନା ଦାସ ମହାପାତ୍ର ଓ ଅବିନାଶ ପ୍ରଧାନ ମଞ୍ଚ ସଂଯୋଜନା କରିଥିଲେ । ଜିଏମ ପ୍ରସନ୍ନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସଭା ଶେଷରେ ସ୍ଥାନୀୟ କଳାକାର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦଘାଟିତ



ଅନୁଗୋଳ, ୮ ।୧(ସମିସ): ତାଳଚେର ବଡ଼ସିଂହଡ଼ା ଗ୍ରାମରେ 'ଏଲିଟ୍ ଏଡୁକେସନାଲ୍ ଗ୍ରୁପ୍'ର ଅନୁବନ୍ଧିତ ଶିକ୍ଷାନୁଷ୍ଠାନ 'ଏଲିଟ୍ ଏକ୍ସିଲେନ୍ସ ହାୟର୍ ସେକେଣ୍ଡାରୀ ସ୍କୁଲ୍' ଓ 'ଏଲିଟ୍ ଏକାଡେମୀ'ର ବାର୍ଷିକଉତ୍ସବ 'ଆସ୍ୱାୟର-୨୦୨୫' ଅନୁଷ୍ଠିତ ହୋଇଛି । ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ପୂର୍ବତନ ଅଧ୍ୟକ୍ଷ ଡ. ଧରଣୀଧର ନାଥ ମୁଖ୍ୟବକ୍ତା, ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର୍ ଶାନ୍ତନୁ କୁମାର ସର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଏଲିଟ୍ ଏଜୁକେସନାଲ୍ ଗ୍ରୁପ ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ସୁଶୀଲ୍ ପ୍ରାସାଦ୍ ସାହୁ ଅଧ୍ୟକ୍ଷତା କରିଥିଲେ । ଅଧ୍ୟାପକ ସୁଶାନ୍ତ କୁମାର ଲେଙ୍କା ବାର୍ଷିକ ବିବରଣୀ ପାଠ କରିଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ କିଶୋର ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଅତିଥିମାନେ 'ଏଲିଟ୍ ଛାତ୍ରବୃତ୍ତି ଯୋଜନା'ର ଶୁଭାରମ୍ଭ କରିଥିଲେ । ଏହି ଯୋଜନାରେ ପ୍ରତିବର୍ଷ ୧୦ ଜଣ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ଏହି ଶିକ୍ଷାନୁଷ୍ଠାନରେ ସମ୍ପୂର୍ଣ୍ଣ ମାଗଣାରେ ଶିକ୍ଷାଦାନ କରାଯିବ । ସୁନାମଧନ୍ୟ କଣ୍ଠଶିଳ୍ପୀ ସୌରଭ ଭରଦ୍ୱାଜ ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ । ଶୁଭମ୍ ବେହେରା ମଞ୍ଚ ପରିଚାଳନା କରିଥିଲେ । ଛାତ୍ରୀ କୀର୍ତ୍ତିକ୍ରିଷ୍ଣା ପ୍ରଧାନ ଓ ଶ୍ରୀ ଆରୋଧା ସହଯୋଗ କରିଥିଲେ । ପରେ ଅତିଥିମାନେ କୃତୀ ଛାତ୍ରଛାତ୍ରୀ ତଥା ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ହାସଲ କରିଥିବା ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ । କୀର୍ତ୍ତିକ୍ରୀଷ୍ଣା ପ୍ରଧାନ, ସନ୍ଦୀପ ସାହୁ ଓ ଶ୍ରୀଶେସ ପ୍ରତାପ ପତି ସମ୍ମାନଜନକ ଷ୍ଟୁଡେଣ୍ଟ୍ ଅଫ୍ ଦି ଇଅର୍ ପୁରସ୍କାରପ୍ରାପ୍ତ କରିଥିଲେ । ସକାଳେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହାକୁ ଏମସିଏଲ୍ ଭରତପୁର ଖଣିର ପ୍ରକଳ୍ପ ଅଧିକାରୀ ସୁନୀଲ ଶର୍ମା, ପ୍ରେରଣ ଅଧିକାରୀ ସୁରେଶ ସାହୁ ଓ ବଡ଼ସିଂହଡ଼ା ଗ୍ରାମର ଟିକନ ପ୍ରଧାନ ଉଦଘାଟନ କରିଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ କିଶୋର ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ସପ୍ତଶଯ୍ୟା ରାସ୍ତାରେ ଅବକାରୀ ବିଭାଗର ଯାଞ୍ଚ

# ଗଞ୍ଜେଇ ବ୍ୟବସାୟୀଙ୍କ ସନ୍ଦେହଜନକ ମୃତ୍ୟୁ

ଢେଙ୍କାନାଳ, ୮ ।୧(ସମିସ):

ସଦରଥାନା ସପ୍ତଶଯ୍ୟା ନିକଟରେ ଜିଲ୍ଲା ଅବକାରୀ ବିଭାଗ ତରଫରୁ ଯାଞ୍ଚ ସମୟରେ ଜଣେ ଗଞ୍ଜେଇ ବ୍ୟବସାୟୀଙ୍କ ଆକସ୍ମିକ ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି । ମୃତକ ହେଲେ ସଦର ବ୍ଲକ ଶଙ୍କରପୁର ଗ୍ରାମର ଜୟରାମ ସେନାପତିଙ୍କ ପୁଅ ସୂର୍ଯ୍ୟମଣି ସେନାପତି (୪୦) । ତାଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି ।

ଅବକାରୀ ବିଭାଗର ସୂଚନା ଅନୁଯାୟୀ, ଯାଞ୍ଚ ସମୟରେ ସୂର୍ଯ୍ୟମଣି ଏକ ସ୍କୁଟରରେ ଗଞ୍ଜେଇ ନେଇ ଯାଉଥିବା ସନ୍ଦେହ ହୋଇଥିଲା । ଅବକାରୀ ବିଭାଗ କର୍ମଚାରୀଙ୍କୁ ଦେଖି ସୂର୍ଯ୍ୟମଣି ଦ୍ରୁତ ଗତିରେ ସ୍କୁଟି ନେଇ ଫେରାର ହୋଇଯାଉଥିବା ବେଳେ କର୍ମଚାରୀମାନେ ପିଛା କରିଥିଲେ । ତେବେ ସପ୍ତଶଯ୍ୟା ସଦେଇବେରେଣୀ ନିକଟରେ ଗାଡ଼ି ରାସ୍ତା ପାର୍ଶ୍ୱରେ ଥିବା ଏକ ପୋଲ କାନ୍ଥରେ ଧକ୍କା ହୋଇଥିଲା । ଏଥିରେ ସୂର୍ଯ୍ୟମଣି ଗୁରୁତର ଆହତ ହୋଇଥିଲେ । କର୍ମଚାରୀମାନେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ । ସେଠାରେ ଡାକ୍ତର ରଞ୍ଜନ କୁମାର ସାମଲ ତାଙ୍କୁ ମୃତ ଘୋଷଣା କରିଥିଲେ । ପରେ ଅବକାରୀ ବିଭାଗ କର୍ମଚାରୀମାନେ ସେଠାରୁ

### ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ

ପଳାଇ ଆସିଥିଲେ । ସୂର୍ଯ୍ୟମଣିଙ୍କୁ ମେଡିକାଲରେ ଛାଡ଼ି ଚାଲିଯିବା ଘଟଣାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଅବକାରୀ ବିଭାଗ କର୍ମଚାରୀ ସୂର୍ଯ୍ୟମଣିଙ୍କୁ ନିସ୍ତୁକ ମାଡ଼ ମାରି ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଅନ୍ୟପଟେ ସୂର୍ଯ୍ୟମଣିଙ୍କ ସ୍କୁଟିରୁ ୪ କେଜି ଗଞ୍ଜେଇ ଜବତ ହୋଇଛି ଏବଂ ତାଙ୍କ ନାମରେ ପୂର୍ବରୁ ମଧ୍ୟ ଏକ ଅବକାରୀ ମାମଲା ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି ।

ଏସମ୍ପର୍କରେ ଜିଲ୍ଲା ଅବକାରୀ ସୁପରିନଟେଣ୍ଡେଣ୍ଟ କ୍ରିଷ୍ଣା ନାୟକଙ୍କୁ ଯୋଗାଯୋଗ କରିବାରୁ ସେ କୁହନ୍ତି ଯେ ବୁଧବାର ସନ୍ଧ୍ୟାରେ ସପ୍ତଶଯ୍ୟା ନିକଟରେ ଗାଡ଼ି ଯାଞ୍ଚ ସମୟରେ ସୂର୍ଯ୍ୟମଣି ବିଭାଗୀୟ କର୍ମଚାରୀଙ୍କୁ ଦେଖି କ୍ଷିପ୍ର ବେଗରେ ସ୍କୁଟି ଚଳାଇ ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ । ସୂର୍ଯ୍ୟମଣିଙ୍କୁ କର୍ମଚାରୀମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ । ସେଠାରେ ତାଙ୍କର ଏକ୍ସ-ରେ କରାଯାଇଥିଲା ଓ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିଲା । ପରେ ପରିସ୍ରାରେ ରକ୍ତସ୍ରାବ ଯୋଗୁଁ କଟକ ସ୍ଥାନାନ୍ତର କରାଯାଉଥିବା ବେଳେ ତାଙ୍କ ମୃତ୍ୟୁ ଘଟିଥିବା ନାୟକ କହିଛନ୍ତି ।

# ବାଇପାସ୍ ରାସ୍ତା ନିର୍ମାଣ ପାଇଁ ପରିଦର୍ଶନ



କଣିହାଁ, ୮ ।୧(ସମିସ): କଣିହାଁ ଅଞ୍ଚଳରେ ଗଢ଼ିଉଠିଥିବା ବିଭିନ୍ନ କଳକାରଖାନା ଓ ଖଣିଖାଦାନ ଯୋଗୁଁ ୫୩ନମ୍ବର ଜାତୀୟ ରାଜପଥରେ କୋଇଲା ଓ ପାଉଁଶ ପରିବହନ କରୁଥିବା ଗାଡ଼ି ଦ୍ୱାରା ଟ୍ରାଫିକ୍ ସମସ୍ୟା ଉପୁଜିଛି । ଟ୍ରାଫିକ୍ ଜାମ୍ ଯୋଗୁଁ ଲୋକେ ଜରୁରୀ ସେବାରୁ ବଞ୍ଚିତ ହେବା ସହ ପରିବେଶ ପ୍ରଦୂଷଣରେ ଅତିଷ୍ଠ ହେଉଛନ୍ତି । ଏଥି ପାଇଁ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଭିଡ଼ ନିୟନ୍ତ୍ରଣ ପାଇଁ କଣିହାଁ ବ୍ଲକ ଝରାବେରିଣୀରୁ ଗୋଡ଼ିବନ୍ଧ ପର୍ଯ୍ୟନ୍ତ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତିଙ୍କ ସହିତ ଏକ ପ୍ରତିନିଧି ଦଳ ଅଞ୍ଚଳ ପରିଦର୍ଶନ କରିଛନ୍ତି । ଏହି ଅବସରରେ ଏନଟିପିସି ଅତିଥି ଭବନରେ ଏକ ଆଲୋଚାନ ବୈଠକ ହୋଇଥିଲା । ଝରାବେରିଣୀ, ଟାକୁଆ, ଟୋଲକବେଡ଼ା, ପଥରମୁଣ୍ଡା, ତେଲିସିଂହା, ଆମ୍ବପାଳ ଦେଇ ଗୋଡ଼ିବନ୍ଧକୁ ସଂଯୋଗ କରୁଥିବା ଏକ ବାଇପାସ୍ ରାସ୍ତା ନିର୍ମାଣ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏ ନେଇ ସୋମବାର ବିଧାୟକ ମହାନ୍ତି ଜାତୀୟ ରାଜପଥ କର୍ତ୍ତୃପକ୍ଷ, କଣିହାଁ ତହସିଲଦାର ଚିନ୍ମୟ ଦାଶ, ଏନଟିପିସି, ଏମସିଏଲ୍, ଜେଆଇପିଏଲ କର୍ତ୍ତୃପକ୍ଷଙ୍କ ସହ ଅଞ୍ଚଳ ପରିଦର୍ଶନ କରିଥିଲେ । ଖୁବଶୀଘ୍ର ଚାରିଆକିଆ ରାସ୍ତା ନିର୍ମାଣ ହେବ ବୋଲି ବିଧାୟକ ପ୍ରକାଶ କରିଛନ୍ତି । ଏହି ପରିଦର୍ଶନ ବେଳେ ମଣ୍ଡଳ ସଭାପତି ତ୍ରିପୁରାରୀ ପ୍ରଧାନ, ନୃସିଂହ ବରାଳ, ପ୍ରହଲ୍ଲାଦ ସାମଲ, ବିନୟ ପ୍ରଧାନ, ଦିବାକର ପ୍ରଧାନ, ସୁମନ୍ତ ପ୍ରଧାନ, ହରେକୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ସମାଜସେବୀ ମହମ୍ମଦ ଉସମାନଙ୍କ ଦେହାନ୍ତ

ଢେଙ୍କାନାଳ, ୮ ।୧(ସମିସ): ସ୍ଥାନୀୟ ଗୁଡ଼ିଆନାଳୀ ନିବାସୀ ସମାଜସେବୀ ମହମ୍ମଦ ଉସମାନଙ୍କର ୬୫ବର୍ଷ ବୟସରେ ଦେହାନ୍ତ ଘଟିଛି । ସେ ଯୁବ ଜନତା ଦଳର ରାଜ୍ୟ ସମ୍ପାଦକ ଭାବେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସହ ଦୀର୍ଘବର୍ଷ ଧରି ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଥିଲେ । ଜଣେ କ୍ରୀଡ଼ାବିତ୍ ଭାବେ ମଧ୍ୟ ସୁନାମ ଅର୍ଜନ କରିଥିଲେ । ପୂର୍ବତନ ବିଧାୟକ ଡା. ନୃସିଂହ ଚରଣ ସାହୁଙ୍କ ଘନିଷ୍ଠ ସହଯୋଗୀ ଭାବେ କାର୍ଯ୍ୟ କରିଥିଲେ । କିଛିଦିନ ଧରି ଯକୃତଜନିତ ରୋଗରେ ପୀଡ଼ିତ ହୋଇ ବେଙ୍ଗାଲୁରୁସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ବୁଧବାର ଅପରାହ୍ନ ସାଢ଼େ ୧ଟାରେ ତାଙ୍କ ପରଲୋକ ଘଟିଛି । ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ ଏବଂ ୨ଝିଅ ଉପସ୍ଥିତ ଥିଲେ ।



ତାଙ୍କ ଦେହାନ୍ତରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି । ଗୁରୁବାର ପୂର୍ବାହ୍ନରେ ତାଙ୍କ ମରଶରୀର ବିମାନ ଯୋଗେ ଭୁବନେଶ୍ୱରରେ ପହଞ୍ଚିବା ପରେ ସେଠାରୁ ଢେଙ୍କାନାଳ ଅଣାଯାଇ ସ୍ଥାନୀୟ କବରସ୍ଥାନରେ ଅନ୍ତିମ ସଂସ୍କାର କରାଯିବ ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି ।

# ମାନସଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର



ଗଁଦିଆ, ୮ ।୧(ସମିସ): କଙ୍କଡ଼ାହାଡ଼ ବ୍ଲକ ମହାବୀରରୋଡ୍‌ର ମାନସ ରଞ୍ଜନ ଜେନା ୧୫ ହଜାର ଚାରାରୋପଣ କରି ପରିବେଶ ସୁରକ୍ଷା ଓ ଜଙ୍ଗଲ ସୁରକ୍ଷା ଉପରେ ଉଦାହରଣ ସାଜିଛନ୍ତି । ତାଙ୍କୁ ଢେଙ୍କାନାଳ ବନଖଣ୍ଡ ତରଫରୁ ଜଙ୍ଗଲ ଓ ପରିବେଶ ତଥା ଜଳବାୟୁ ବିଭାଗ ଅଧୀନ ଓଡ଼ିଶା ସରକାରଙ୍କଠାରୁ ପ୍ରକୃତିବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଛି । ସମ୍ପ୍ରତି ମାନସ ପରିବେଶ ପ୍ରକୃତିର ସୁରକ୍ଷା ଦିଗରେ ଯତ୍ନବାନ ହେବା ସହ ଛତୁଚାଷ ଓ ସମାଜସେବା କ୍ଷେତ୍ରରେ ନିୟୋଜିତ ଅଛନ୍ତି ।

# ଶତାୟୁ ମହିଳାଙ୍କ ପରଲୋକ

ଖଜୁରିଆକଟା, ୮ ।୧(ସମିସ): ହିନ୍ଦୋଳ ଉପଖଣ୍ଡ ଦୁଦୁରକୋଟ ପଞ୍ଚାୟତ ଗୁରିଲୋ ଗ୍ରାମ ସଭାପତି ପ୍ରମୋଦ ସାମଲଙ୍କ ମା' ନୀଳାଦ୍ରି ସାମଲଙ୍କର ୧୦୦ ବର୍ଷ ବୟସରେ ନିଜ ବାସଭବନରେ ପରଲୋକ ଘଟିଛି । ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ । ସେ ଜଣେ ଧର୍ମପରାୟଣା ମହିଳା ଭାବେ ଅଞ୍ଚଳରେ ବେଶ୍ ପରିଚିତ ଥିଲେ । ଶତାଧିକ ଗ୍ରାମବାସୀ ତାଙ୍କ ଶେଷଦର୍ଶନ କରିଥିଲେ । ବିରାଟ ଶୋଭାଯାତ୍ରାରେ ତାଙ୍କ ମରଶରୀର ଗାଁ ଶ୍ମଶାନକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ପୁଅ ପ୍ରମୋଦ ମୁଖଗ୍ନି ଦେଇଥିଲେ ।

# ଆଦର୍ଶ ବିଦ୍ୟାଳୟରେ ବସୁନି ପିଟିଏ ବୈଠକ

## ଉପଜିଲ୍ଲାପାଳଙ୍କୁ ଅଭିଭାବକଙ୍କ ଅଭିଯୋଗ

ହିନ୍ଦୋଳ, ୮ ।୧(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଆରମ୍ଭରୁ ଆଜିପର୍ଯ୍ୟନ୍ତ ନିୟମିତ ଅଭିଭାବକ-ଶିକ୍ଷକ (ପିଟିଏ) ବୈଠକ ବସୁ ନ ଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ନେଇ ଅଭିଭାବକମାନେ ହିନ୍ଦୋଳ ଉପଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁଙ୍କୁ ଭେଟି ଲିଖିତ ଅଭିଯୋଗ କରିବା ସହ ବିଦ୍ୟାଳୟର ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଅବଗତ କରିଛନ୍ତି । ଅଭିଯୋଗ ଅନୁସାରେ, ଏହି ବିଦ୍ୟାଳୟ ୨୦୧୯ ରୁ ଆରମ୍ଭ ହୋଇଥିଲେ ହେଁ ଆଜିପର୍ଯ୍ୟନ୍ତ ଶିକ୍ଷକ-ଅଭିଭାବକଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ପାଇଁ ଆଦୌ ଚେଷ୍ଟା କରାଯାଇନାହିଁ । ଆରମ୍ଭରୁ ଅଧ୍ୟକ୍ଷ ଦାୟିତ୍ୱରେ ଜଣେ ବରିଷ୍ଠ ଶିକ୍ଷକ କାର୍ଯ୍ୟରତ ଥିବାବେଳେ ଗତ ମାସରେ ଅନ୍ୟତ୍ର ବଦଳି ହୋଇ ଚାଲିଯାଇଛନ୍ତି । ବିଦ୍ୟାଳୟରେ ବିଦ୍ୟୁତ ସମସ୍ୟା ଯୋଗୁଁ ୪୦ଟି କମ୍ପ୍ୟୁଟର ଖତ ଖାଉଥିବା ବେଳେ ହଷ୍ଟେଲ କାର୍ଯ୍ୟକ୍ଷମ ହେଉନାହିଁ । ନିୟମିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅଭାବ ଯୋଗୁଁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି । ଖୋଲା ପଡ଼ିଆ ଅଭାବ ଯୋଗୁଁ ପିଲାମାନଙ୍କ ଖେଳକୁଦରେ ଅନ୍ତରାୟ ସୃଷ୍ଟି ହେଉଛି । ଭୋଜନ କକ୍ଷର ସଦୁପଯୋଗ ହେଉ ନ ଥିବା ଆଦି ସମସ୍ୟା ସମ୍ପର୍କରେ ଅଭିଭାବକମାନେ ଉପଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ । ଉଲ୍ଲେଖଯୋଗ୍ୟ, ଓସେପାର ପତ୍ର ସଂଖ୍ୟା ୧୩୪ ତା-୨/୧/୨୦୨୫ ରିଖ ଏବଂ ୫୨୧୩ ତା-୩୦/୫/୨୦୨୪ ରିଖ ମତେ ରାଜ୍ୟରେ ଥିବା ପ୍ରତ୍ୟେକ ବିଦ୍ୟାଳୟରେ ୨୦୨୫ ଜାନୁଆରୀ ୧ରେ ଅଭିଭାବକ-ଶିକ୍ଷକ ସମ୍ମିଳନୀ




ହେବା ପାଇଁ ନିର୍ଦ୍ଦେଶ ରହିଛି । ତେବେ ତାହା ଏହି ଅନୁଷ୍ଠାନରେ ଆଦୌ ହୋଇ ନାହିଁ । ବିଦ୍ୟାଳୟରେ ଏଯାବତ୍ ଅଭିଭାବକ-ଶିକ୍ଷକ ସଂଘ ଗଠନ କରାଯାଇନାହିଁ । ଅଭିଭାବକ-ଶିକ୍ଷକ ସମ୍ମିଳନୀ ହେଉ ନ ଥିବାରୁ ଅଭିଭାବକ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି । ବୁଧବାର ଅଭିଭାବକଙ୍କ ପକ୍ଷରୁ ଦୁଷ୍ମନ୍ତ ମିଶ୍ର, ପ୍ରତାପ ଦାସ, ପ୍ରଦ୍ୟୁମ୍ନ ବେହେରା, ସରୋଜ ଭୂତିଆ, ଗଗନ କୁମାର ମହାଳିକ, ବିନୟ ବେହେରା, ନିର୍ମଳ ବେହେରା, ସନ୍ତୋଷ ବେହେରା, ସୁବୋଧ ପ୍ରଧାନ, ଶ୍ରୀନିବାସ ସେଠୀ, ଅପର୍ଣ୍ଣା ଦେହୁରୀ ପ୍ରମୁଖ ଉପଜିଲ୍ଲାପାଳଙ୍କୁ ଭେଟି ସମସ୍ୟାର ସମାଧାନ ସହ ନିୟମିତ ଅଭିଭାବକ-ଶିକ୍ଷକ ସମ୍ମିଳନୀ ଡକାଇବାକୁ ଅନୁରୋଧ କରିଥିଲେ । ଏ ସମ୍ପର୍କିତ ଅଭିଯୋଗପତ୍ରର ନକଲ ଅନୁଷ୍ଠାନର ଅଧ୍ୟକ୍ଷା, ହିନ୍ଦୋଳ ବିଇଓ, ହିନ୍ଦୋଳ ଏନ୍‌ଏସି, ସିଆରସିସିଙ୍କୁ ପ୍ରଦାନ କରାଯାଇଥିବା ଜଣାପଡ଼ିଛି ।

● ୭୭ତମ କବାଡ଼ି ଓ ହ୍ୟାଣ୍ଡବଲ ପ୍ରତିଯୋଗିତା

# ହ୍ୟାଣ୍ଡବଲରେ ଢେଙ୍କାନାଳ, କବାଡ଼ିରେ କଟକ ଚାମ୍ପିଅନ



ଢେଙ୍କାନାଳ, ୮ ।୧(ସମିସ): ସ୍ଥାନୀୟ ପୁଲିସ ପଡ଼ିଆଠାରେ ରାଜ୍ୟସ୍ତରୀୟ ୭୭ତମ କବାଡ଼ି ଓ ନବମ ହ୍ୟାଣ୍ଡବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ହ୍ୟାଣ୍ଡବଲର ଫାଇନାଲ ମ୍ୟାଚ ପ୍ରଥମ ଓଏସଏପି ବାଟାଲିୟନ ଢେଙ୍କାନାଳ ଏବଂ ୬ଷ୍ଠ ଓଏସଏପି ବାଟାଲିୟନ କଟକ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଢେଙ୍କାନାଳ ୭ ପଏଣ୍ଟ ପାଇ ବିଜୟୀ ହୋଇ ଚାମ୍ପିଅନ ହୋଇଛି । ବେଷ୍ଟ ଗୋଲକିପର ଭାବେ କଟକ ଷଷ୍ଠ ବାଟାଲିୟନର ଅନିଲ କୁମାର ରାଉତ, ବେଷ୍ଟ ସ୍କୋରର ଭାବେ ବାରିପଦା ୫ମ ଓଏସଏପି ବାଟାଲିୟନର ହାବିଲଦାର ସୁରେଶ ଚନ୍ଦ୍ର ସେଠୀ, ବେଷ୍ଟ ଖେଳାଳି ଭାବେ କଟକ ୫ମ ଓଏସଏପି ବାଟାଲିୟନର ଆଲୋକ କୁମାର ଖୁଣ୍ଟିଆ, ବେଷ୍ଟ ଡିସିପ୍ଲିନ ଦଳ ଭାବେ ୩ ଓଏସଏପି ବାଟାଲିୟନ କୋରାପୁଟ, ହାର୍ଡଲାଇନ ଟିମ ଭାବେ କୋରାପୁଟ ଜିଲ୍ଲା, ରନର୍ସଅପ ଭାବେ ୬ଷ୍ଠ ଓଏସଏପି ବାଟାଲିୟନକୁ ପୁରସ୍କୃତ କରାଯାଇଛି । ସେହିପରି କବାଡ଼ିରେ ବେଷ୍ଟ କ୍ୟାଚର ଭାବେ ୬ଷ୍ଠ ଓଏସଏପି ବାଟାଲିୟନ କଟକର ଦିଲୀପ କୁମାର ନାଏକ, ବେଷ୍ଟ ରାଇଡର ଭାବେ ଷଷ୍ଠ ଓଏସଏପି ବାଟାଲିୟନର ମଣିଧାର ନାଏକ, ୪ ଆଇଆରବିଏନ ଦେବଗଡ଼ର ଦୀପକ କୁମାର ମୁଣ୍ଡା ବେଷ୍ଟ ଖେଳାଳି, ଡିସିପ୍ଲିନ ଟିମ ଭାବେ ସୁନ୍ଦରଗଡ଼, ହାର୍ଡଲାଇନ ଟିମ ଭାବେ ୪ର୍ଥ ଓଏସଏପି ବାଟାଲିୟନ ରାଉରକେଲା, ରନର୍ସଅପ ଭାବେ ୪ର୍ଥ ଆଇଆରବିଏନ ଦେବଗଡ଼ ଏବଂ ଚାମ୍ପିଅନ ଭାବେ ୬ଷ୍ଠ ଓଏସଏପି ବାଟାଲିୟନ କଟକ ପୁରସ୍କୃତ ହୋଇଛନ୍ତି ।

# ସାହିତ୍ୟ ସମ୍ପର୍କରେ ଆଲୋଚନାଚକ୍ର




ବଇଣ୍ଡା, ୮ ।୧(ସମିସ): କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟ ପରିସରରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ବୁଧବାର 'ଆଧୁନିକ ଓଡ଼ିଆ କଥା ସାହିତ୍ୟ' ଶୀର୍ଷକ ଏକଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । କଲେଜ ଅଧ୍ୟକ୍ଷ କାଳନ୍ଦୀଚରଣ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ । ଅଧ୍ୟାପକ କାଳିଆ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଭାଗ ମୁଖ୍ୟ ଅଧ୍ୟାପକ ରବିନାରାୟଣ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ଠାକୁରଗଡ଼ ଖୋଳପଦା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପିକା ଡ. କଲ୍ୟାଣୀରୂପା ମିଶ୍ର ଯୋଗଦେଇ ଓଡ଼ିଆ କଥା ସାହିତ୍ୟର ବିକାଶଧାରା ସମ୍ପର୍କରେ ଆଲୋଚନା କରିଥିଲେ । ଅଧ୍ୟାପକ ଅଞ୍ଜନ ପ୍ରଧାନ ଆଧୁନିକ ଓଡ଼ିଆ କଥା ସାହିତ୍ୟର ଚେତନାର ଦିଗ ଉପରେ ଆଲୋଚନା କରିଥିଲେ । ଛାତ୍ରଛାତ୍ରୀମାନେ ଏଥିରେ ଅଂଶଗ୍ରହଣ କରି ନିବନ୍ଧ ଉପସ୍ଥାପନ କରିଥିଲେ । ଅଧ୍ୟାପକ ଡ. ପ୍ରିୟବ୍ରତ ଅମିୟ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ନାକେଦମ୍ କଲାଣି ବେଆଇନ ଟ୍ରକ ପାର୍କିଂ

କଣିହାଁ, ୮ ।୧(ସମିସ):

ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଏନଟିପିସି-ଗୋଡ଼ିବନ୍ଧ ୫୩ନଂ ଜାତୀୟ ରାଜପଥରେ ନାହିଁ

**ରାସ୍ତାର ଉଭୟ ପାର୍ଶ୍ୱରେ ବେଆଇନ ପାର୍କିଂ**

**ଘଣ୍ଟାଘଣ୍ଟା ଧରି ଫସି ରହୁଛନ୍ତି ଜନସାଧାରଣ**

**ନିରବଦ୍ରଷ୍ଟା ପ୍ରଶାସନ; ବଢୁଛି ଅସନ୍ତୋଷ**

ନ ଥିବା ଟ୍ରାଫିକ ଜାମ ଲାଗୁଛି । ସ୍ଥାନୀୟ ଅଞ୍ଚଳରେ ଗଢ଼ି ଉଠିଥିବା କଳକାରଖାନା ଓ ଖଣିଖାଦାନରୁ କୋଇଲା ଓ ପାଉଁଶ ପରିବହନ କରୁଥିବା ଶହ ଶହ ଟ୍ରକ ମନଇଚ୍ଛା ରାସ୍ତା ଉପରେ ପାର୍କିଂ କରୁଛନ୍ତି । ଫଳରେ ସ୍ଥାନୀୟ ଜନସାଧାରଣ ଯାତାୟାତରେ



ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସବୁଜାଣି ପୁଲିସ ପ୍ରଶାସନ ଚୁପ୍ ରହୁଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି ।

ରାଜପଥର ଉଭୟ ପାର୍ଶ୍ୱରେ ପ୍ରତିଦିନ ଶହଶହ କୋଇଲା ଓ ପାଉଁଶ ବୋଝେଇ ଭାରୀଯାନ ପାର୍କିଂ ହେଉଛି । କୌଣସି ଜରୁରୀ କାମରେ ଲୋକେ ଗଲାବେଳେ ରାସ୍ତାରେ ଫସି ରହୁଛନ୍ତି । କଣିହାଁ କୋଇଲା ଖଣିରୁ କୋଇଲା ଓ ଅନ୍ୟ କାରଖାନାରୁ ପାଉଁଶ ବୋଝେଇ ଟ୍ରକ ରାସ୍ତାରେ ଅଟକିବା ଯୋଗୁଁ ରାସ୍ତା ସଙ୍କୁଚିତ ହେଉଛି । ଏଥିଯୋଗୁଁ ରାସ୍ତାରେ ଅନ୍ୟ ଯାନ ସହ ବାଇକରେ ମଧ୍ୟ ଯାତାୟାତ ବେଳେ ସମସ୍ୟା ସୃଷ୍ଟି ହେଉଛି । ତାଳଚେର କୋଇଲା ଖଣିରୁ କୋଇଲା ବୋଝେଇ ଟ୍ରକ କଣିହାଁ ଅଞ୍ଚଳରେ ଥିବା କାରଖାନାକୁ ଆସୁଛି । ସେହିପରି କଣିହାଁ ଖଣିରୁ କୋଇଲା ବୋଝେଇ କରି ଟ୍ରକ ୫୩ନଂ ରାଜପଥରେ ଏନଟିପିସି ଏମଜିଆରଠାରୁ ଗୋଡ଼ିବନ୍ଧ ରାସ୍ତାରେ ପାର୍କିଂ କରୁଛନ୍ତି । ଏନଟିପିସି ଓ ଜେଆଇପିଏଲରୁ ପାଉଁଶ ବୋଝେଇ ଟ୍ରକ ରାସ୍ତାର ଉଭୟ ପାର୍ଶ୍ୱରେ ଘଣ୍ଟାଘଣ୍ଟା ଧରି ଛିଡ଼ା ହେଉଛି । ଫଳରେ ରାସ୍ତା ସମ୍ପୂର୍ଣ୍ଣ ଜାମ ରହୁଛି । ଏହାଦ୍ୱାରା ବାଇକ ଚାଳକ ଦୁର୍ଘଟଣାର ଶିକାର ହେଉଛନ୍ତି । ଦିନରେ କୋଇଲା ବୋଝେଇ ଟ୍ରକ ଛିଡ଼ା ହେଉଥିବା ବେଳେ ରାତି ୧୦ଟା ପରେ କଣିହାଁ ଦେଇ ଡେରଙ୍ଗସ୍ଥିତ ଜେଆଇପିଏଲ କମ୍ପାନୀକୁ ଯାତାୟାତ କରିଥାନ୍ତି । ଜନସାଧାରଙ୍କ ସୁବିଧା ଦୃଷ୍ଟିରୁ ଗାଡ଼ିଗୁଡ଼ିକ ରାସ୍ତା ଉପରେ ପାର୍କିଂ ନ କରି ରାସ୍ତା ପାର୍ଶ୍ୱରେ ଥିବା ଖୋଲା ପଡ଼ିଆରେ ପାର୍କିଂ କରାଇଲେ ସମସ୍ୟା ରୁହନ୍ତା ନାହିଁ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି । ରାସ୍ତା ଉପରେ ଗାଡ଼ିଗୁଡ଼ିକ ପାର୍କିଂ ନ କରିବା ପାଇଁ ବାରମ୍ବାର ଦାବି ହୋଇଆସୁଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ଓ ପୁଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି । ଅନୁଗୋଳ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି ।

# ରୋଗୀ କଲ୍ୟାଣ ସମିତି ବୈଠକ



ବନ୍ତ/ଆଗରପଡ଼ା, ୮।୧(ସମିସ): ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ରୋଗୀ କଲ୍ୟାଣ ସମିତି ବୈଠକ ଅଡ଼ାଳପଙ୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ନୂତନ) ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମିତିର ସ୍ଥାୟୀ ଅଧ୍ୟକ୍ଷ ତଥା ବିଧାୟକ ସଞ୍ଜୀବ ମଲ୍ଲିକ ବୈଠକରେ ଯୋଗ ଦେଇ କହିଲେ ଆଗରପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ହାଟଡିହୀ, ଖଇରା ବ୍ଲକର ଅଧିକାଂଶ ପଞ୍ଚାୟତବାସୀ ନିର୍ଭର କରିଥାନ୍ତି। ପ୍ରତିଦିନ ୫ ଶହରୁ ଊର୍ଦ୍ଧ୍ୱର୍ ରୋଗୀ ଏଠାକୁ ଆସିଥାନ୍ତି। ତେଣୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ ପାଇଁ ସଦାସର୍ବଦା ଚେଷ୍ଟା ଜାରୀ ରଖିବି। ଏଠାରେ ଥିବା ସମସ୍ୟାଗୁଡ଼ିକୁ ନିଶ୍ଚିତଭାବେ ପର୍ଯ୍ୟାୟକ୍ରମେ ଦୂର କରିବି ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଆମପ୍ରିୟ ନେତା ନବୀନବାବୁ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ ଦେଉଥିଲେ ତେଣୁ ତାକୁ ହିଁ ଅନୁସରଣ କରି କାର୍ଯ୍ୟ କରିବା ପାଇଁ ମୁଁ ପ୍ରତିଶ୍ରୁତିବଦ୍ଧ ବୋଲି ବିଧାୟକ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବିଧାୟକଙ୍କ ପ୍ରତିନିଧି ପ୍ରଶାନ୍ତ ଦାଶ, ଜିଲ୍ଲାପରିଷଦ ସଭ୍ୟା ରୁନୀତା ଦାସ, ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ମନୋଜ ପତି, ଡାକ୍ତର ଦୁର୍ଗା ଚରଣ ମିଶ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନ ଏସ୍‌ଡିଓ ଜନ୍ମେଜୟ ଜେନା, ଫାର୍ମାସିଷ୍ଟ ଜୟପ୍ରକାଶ ମହାନ୍ତି, ବିପିଏମ୍ ଦେବାଶିଷ ବାଗୋଡ଼ିଆ, କମିଟି ସଭ୍ୟ ସତ୍ୟସାଧନ ବେଜ, ପୟଧର ବାରିକ, କରୁଣାକର ଦାସ, ପଙ୍କଜିନୀ ଖୁଣ୍ଟିଆ, ସରପଞ୍ଚ ସୁଭଦ୍ରା ସିଂହ, ବିନୋଦିନୀ ମହାନ୍ତି, ପ୍ରକାଶ ବିଶ୍ୱାଳ, ନିହାର ରଞ୍ଜନ ପଣ୍ଡା, ସମିତିସଭ୍ୟ ନିର୍ମଳ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ସିନ୍ଧୁକେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ବନ୍ତ/ଆଗରପଡ଼ା, ୮।୧(ସମିସ): ବନ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧିନସ୍ଥ ଅଣିଜୋ ପଞ୍ଚାୟତ ଅନ୍ତର୍ଗତ ସିନ୍ଧୁକେଶ୍ୱର ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ସାଧନ କେନ୍ଦ୍ର ସଂଯୋଜକ ଅକ୍ଷୟ ସାହୁ, ପୂର୍ବତନ ପ୍ରଧାନ ଶିକ୍ଷକ ମୂରଲୀଧର ପଣ୍ଡା, ପୂର୍ବତନ ଖେଳ ଶିକ୍ଷକ ଭଗବାନ ସାହୁ, ପରିଚାଳନା କମିଟି ସଭାପତି ଭଗୀରଥ ସାହୁ, ମୋ ସ୍କୁଲ ସଭାପତି ପ୍ରଭାକର ମହାଳିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଭବିଷ୍ୟତ ଗଢାରେ ଖେଳର ଭୂମିକା ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ବିଷ୍ଣୁପଦ ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ସୁଶାନ୍ତ ସେଠୀ ଧନ୍ୟବାନ ଅର୍ପଣ କରିଥିଲେ। କ୍ରୀଡ଼ା ଶିକ୍ଷକ ଉପମନ୍ୟୁ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଖେଳକୁ ଶିକ୍ଷକ/ଶିକ୍ଷୟିତ୍ରୀ ତଥା ଶିକ୍ଷା କର୍ମଚାରୀ ନିତ୍ୟାନନ୍ଦ ରାଉତ, ଭକ୍ତହରି ଆଚାର୍ଯ୍ୟ, ଅନ୍ତର୍ଯ୍ୟାମୀ ମଲ୍ଲିକ, ହୃଷିକେଶ ନାଗ, ଇତିଶ୍ରୀ ଜେନା, ଜ୍ୟୋତିଶ୍ରୀ ଜେନା, ରୀତାଞ୍ଜଳୀ ମହାକୁଡ଼, ସରସ୍ୱତୀ ଜେନା, ମଧୁସ୍ମିତା ରାଉତ, ଷ୍ଟାଲିନ ପାଣିଗ୍ରାହୀ, ଶୁଭେନ୍ଦ୍ର ପଣ୍ଡା ଓ ଜାମଳା ଜେନା ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ/ସଭ୍ୟା ସହଯୋଗ କରିଥିଲେ।

# ବିଷ୍ଣୁପୁର ମଣ୍ଡି ଉଦ୍‌ଘାଟିତ

ଭଣ୍ଡାରିପୋଖରୀ, ୮।୧(ସମିସ):ବିଷ୍ଣୁପୁର ପଞ୍ଚାୟତ ଶକ୍ତି ସ୍ୱରୂପା ସ୍ୱୟଂ ସହାୟକ ଗୋଷ୍ଠୀ ସରକାରୀ ଧାନମଣ୍ଡି ବୁଧବାର ଉଦଘାଟିତ ହୋଇଯାଇଛି। ଗୋଷ୍ଠୀ ସଭାନେତ୍ରୀ ପାର୍ବତୀ ନାୟକ ଓ ସମ୍ପାଦିକା ତିଳୋତ୍ତମା ଖିଲାରଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତୀ ମୁଖ୍ୟଅତିଥି, ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା, ସହକାରୀ ଉପଜିଲ୍ଲାପାଳ ଶ୍ୟାମାଳ ରାୟ, ଚକବନ୍ଦୀ ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା, ବିଡିଓ ଦେବଦତ୍ତ ଦାସ, ତହସିଲଦାର ସରୋଜ ନାୟକ, ଏମ.ଆଇ. ହିମାଂଶୁ ଦାସ, ପିଇଓ ନରେନ୍ଦ୍ର ରାଉତ, ଜଳମଣ୍ଡୁଆ ପାକ୍ସ ସଭାପତି ରତ୍ନାକର ପାତ୍ର, ବରିଷ୍ଠ ନାଗରିକ ପୂର୍ଣ୍ଣଚନ୍ଦ୍ର ଖିଲାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ବିଷ୍ଣୁପୁର ଜିପିଏଲଏଫ ନେତ୍ରୀ ଶକୁନ୍ତଳା ସାମଲ, ସମ୍ପାଦିକା ସୁଜାତା ଦାସ, ନିରଞ୍ଜନ ବାରିକ, ତପନ ପାତ୍ର, ସନାତନ ପରିଡ଼ା, ରାମଚନ୍ଦ୍ର ରାଉତ, ଅତୁଲ୍ୟ ସମାଲ, ଜୟକୃଷ୍ଣ ନାୟକ, ଡା. ରବୀନ୍ଦ୍ର ପଣ୍ଡା, ଉମର ନାୟକ, ସୁଭଦ୍ରା ପାତ୍ର, ବବିତା ବରାଳ, ମହେଶ ନାୟକ, ସନ୍ତୋଷ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରତିଷ୍ଠାକୁ ୭୫ ବର୍ଷ ପୂରିବ; ବଦଳିନି ବିଦ୍ୟାଳୟର ରୂପରେଖ

# ଭଙ୍ଗାଦଦରା ଆଜବେଷ୍ଟସ୍ ଘରେ ଚାଲିଛି ପାଠପଢ଼ା





ବନ୍ତ/ଆଗରପଡ଼ା, ୮।୧(ସମିସ)

ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ମହାନ୍ତିପଡ଼ା ସରକାରୀ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ୧୯୫୦ ମସିହାରେ ସ୍ଥାପିତ ହୋଇଥିବା ଉକ୍ତ ବିଦ୍ୟାଳୟ ୭୫ବର୍ଷ ପୂରଣ କରିବାକୁ ଯାଇଛି। କିନ୍ତୁ ଶ୍ରେଣୀ ଗୃହ ଅବସ୍ଥାରୁ ଏଠାରେ ଶିକ୍ଷାଦାନରେ ଘୋର ସମସ୍ୟା ଉପୁଜୁଛି। ଏହି ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଶିକ୍ଷକ ଅଛନ୍ତି, ପିଲା ବି ଅଛନ୍ତି କିନ୍ତୁ ଶ୍ରେଣୀଗୃହ ଅଭାବରୁ ଏଠାରେ ଶିକ୍ଷା ଦାନରେ ଘୋର ସମସ୍ୟା ଉପୁଜୁଛି। ଏହି ମଧ୍ୟ ଇଂରାଜୀ ବିଦ୍ୟାଳୟର ୭ଟି ଶ୍ରେଣୀ ପାଇଁ ୮ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ପ୍ରଥମ ଶ୍ରେଣୀରେ ୨୪ଜଣ ଓ ୨ୟ ଶ୍ରେଣୀରେ ୪୦ଜଣ ଏହିପରି ୬୪ଜଣ ପିଲା ଶ୍ରେଣୀ ଗୃହ ଅଭାବରୁ ଗୋଟିଏ କୋଠରୀରେ ଶିକ୍ଷାଲାଭ କରୁଥିବା ବେଳେ ୬ଷ୍ଠ ଓ ୭ମ ଶ୍ରେଣୀକୁ ଛାଡ଼ି ଅନ୍ୟ ତିନି ଶ୍ରେଣୀ ୩ୟ, ୪ର୍ଥ ଓ ୫ମ ଶ୍ରେଣୀର ପିଲାମାନେ ଭଙ୍ଗା ପୁରୁଣା ଆଜବେଷ୍ଟସ ଗୃହରେ ବିପଦସଂକୁଳ ଅବସ୍ଥାରେ ଶିକ୍ଷାଲାଭ କରୁଛନ୍ତି।

ଉକ୍ତ ଗୃହ ବହୁ ପୁରୁଣା ହୋଇଥିବାରୁ ଏବଂ ବିଭାଗ ତରଫରୁ ଏହାର କୌଣସି ରକ୍ଷଣାବେକ୍ଷଣ କରାଯାଉନଥିବାରୁ ଏହା ପିଲାଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି। ବର୍ଷାହେଲେ ଛାତରୁ ପାଣି ଗଡ଼ିବା ସହ ପାରାଙ୍କ ବାସସ୍ଥଳୀ ପାଲଟିଛି। ଏହିପରି ସ୍ଥଳେ ବିଦ୍ୟାଳୟର ଶ୍ରେଣୀଗୃହ ନଥିବାବେଳେ ଉକ୍ତ ଆଜବେଷ୍ଟସ ଗୃହ ମଧ୍ୟରୁ ଗୋଟିଏ ଗୃହରେ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ଚାଲୁଥିବା ଜଣାପଡ଼ିଛି। ଏହା ମଧ୍ୟରେ ୭୪ ବର୍ଷ ଅତିକ୍ରମ କରି ସାରିଥିଲେ ସୁଦ୍ଧା ବିଦ୍ୟାଳୟଟିର ଶୈକ୍ଷିକ ପରିବେଶରେ ଉନ୍ନତି ହୋଇପାରିନପାରିବା ଦୁଃଖ ଓ ଅନୁତାପର ବିଷୟ। ଚଳିତ ଶିକ୍ଷା ବର୍ଷରେ ୨୩୦ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ବିଦ୍ୟାଳୟର ଗୋଟିଏ ଗୃହରେ ୨ଟି ଶ୍ରେଣୀ ଓ ବିପଦସଂକୁଳ ଗୃହରେ ୩ଗୋଟି ଶ୍ରେଣୀର ପାଠପଢ଼ା କିପରି ଚାଲିଛି ଏବଂ ଏଠାରେ କିପରି ଅଧ୍ୟାପନା କାର୍ଯ୍ୟ ସମ୍ପାଦନ ହେଉଛି ସେଥିନେଇ ଅଭିଭାବକଙ୍କ ଚିନ୍ତା ବଢ଼ିଯାଇଛି। ସେହିପରି ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପାଇଁ କୌଣସି ପରିସ୍ରାଗାର ନଥିବା ବେଳେ ବିଦ୍ୟାଳୟ ସମ୍ମୁଖ ପାଖକୁ ଛାଡ଼ି ଅନ୍ୟ ପାର୍ଶ୍ୱରେ ସ୍ଥାୟୀ ପାଚେରୀ ନିର୍ମାଣ ହୋଇନଥିବାରୁ ଏହା ମଧ୍ୟ ପିଲାଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ବିଦ୍ୟାଳୟ ପରିସରରେ ପାନୀୟଜଳର ବ୍ୟବସ୍ଥା ଥିଲେମଧ୍ୟ ଏହାର ସୁପରିଚାଳନା କରାଯାଇପାରୁନଥିବାରୁ ଏହା ମଧ୍ୟ ଏକ ସମସ୍ୟା ରୂପେ ଛିଡ଼ା ହୋଇଛି। ଏତେ ପୁରାତନ ବିଦ୍ୟାଳୟଟିରେ ଏହିପରି ଅବ୍ୟବସ୍ଥା ଯଦି ଲାଗି ରହେ ତେବେ ଏହା ନିଶ୍ଚିନ୍ତ ଭାବେ କୋମଳମତି ଛାତ୍ରଛାତ୍ରୀଙ୍କ ଉପରେ କୁପ୍ରବାହ ପକାଇବା ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରୁଛନ୍ତି। ତେଣୁ ଏତେ ପୁରାତନ ବିଦ୍ୟାଳୟରେ ଲାଗିରହିଥିବା ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

# ପ୍ରାକ୍ତନ ସରପଞ୍ଚ ଗଙ୍ଗାଧର ପତିଙ୍କ ଦେହାନ୍ତ



ବନ୍ତ/ଆଗରପଡ଼ା, ୮।୧(ସମିସ): ବନ୍ତ ବ୍ଲକ ଗୋପିନାଥପୁର ପଞ୍ଚାୟତ ପ୍ରାକ୍ତନ ସରପଞ୍ଚ ଗଙ୍ଗାଧର ପତିଙ୍କ ୭୫ବର୍ଷ ବୟସରେ ଦେହାନ୍ତ ଘଟିଛି। ରାତିରେ ହଠାତ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ସ୍ଥାନୀୟ ମେଡିକାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା ସେଠାରେ ତାଙ୍କର ଦେହାନ୍ତ ଘଟିଥିଲା। ସେ ଜଣେ ମେଳାପୀ, ପରୋପକାରୀ, ସରଳ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ସେ ପଞ୍ଚାୟତରେ ଦ୍ୱିତୀୟ ସରପଞ୍ଚ ଥିଲେ। ସରପଞ୍ଚ ଥିବା ସମୟରେ ଅନେକ ଜନହିତକର କାର୍ଯ୍ୟକରିଛନ୍ତି। ବଜାର ଓ କାଳୀପୂଜା ଆଦି କମିଟିର ପ୍ରମୁଖ କର୍ମକର୍ତ୍ତା ଥିଲେ। ତାଙ୍କ ଦେହାନ୍ତ ଖବର ପାଇ ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବିଜେଡି ଉପସଭାପତି ପ୍ରଶାନ୍ତ ଦାଶ, ବ୍ଲକ ଯୁବ ସଭାପତି ସତ୍ୟସାଧନ ବେଜ, ଜିଲ୍ଲାପରିଷଦ ସଭ୍ୟା ରୁନୀତା ଦାସ, ଥାନାଧିକାରୀ ଶ୍ରୀକାନ୍ତ ପତି, ମାନବାଧିକାର କମିଶନ ମିଡ଼ିଆସେଲ ରାଜ୍ୟ ସମ୍ପାଦକ ନିରୋଜ ଆଇଚ, ଶିକ୍ଷାବିତ୍ ପିତାମ୍ବର ପତି, ସରପଞ୍ଚ ସବିତା ନାୟକ, କାଳିଆ ନାୟକ ପ୍ରମୁଖ ଶତାଧିକ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ମରଶରୀରକୁ ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ତାଙ୍କ ଦେହାନ୍ତରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ବାର୍ଷିକୋତ୍ସବ

# 'ସମାଜ ପାଇଁ ବରିଷ୍ଠ ନାଗରିକ ଦିଗ୍‌ଦର୍ଶକ'



ଭଦ୍ରକ, ୮।୧ (ସମିସ): ଯୁଗେ ଯୁଗେ ବରିଷ୍ଠ ନାଗରିକ ନମସ୍ୟ, ବରିଷ୍ଠ ମାନେ ନିଜ ନିଜର ବୃତିରୁ ଅବସର ନେଇଥିଲେ ମଧ୍ୟ ସମାଜ ପାଇଁ ସେମାନଙ୍କ ଦିଗ୍‌ଦର୍ଶନ ସବୁ ସମୟରେ ରହିଛି ଆଉ ରହି ଆସିଥିବ ମଧ୍ୟ। ପୂର୍ବରୁ ବରିଷ୍ଠ ନାଗରିକଙ୍କ ଜୀବନଶୈଳୀ ଅପେକ୍ଷା ବର୍ତ୍ତମାନ ଚିକିତ୍ସା ବିଜ୍ଞାନର ଉନ୍ନତି ବଳରେ ବରିଷ୍ଠ ମାନେ ଶତାୟୁ ହୋଇପାରିଛନ୍ତି ବୋଲି ଆଜି ଭାଗବତ କଲ୍ୟାଣ ମଣ୍ଡପରେ ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ୫ମ ବାର୍ଷିକ ସମାରୋହରେ ବକ୍ତମାନେ ମତବ୍ୟକ୍ତ କରିଛନ୍ତି।

ମୁଖ୍ୟ ଅତିଥି ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ମହାସଂଘର ଏକ ସ୍ଥାୟୀ କାର୍ଯ୍ୟାଳୟ ପାଇଁ ସଦର ମହକୁମାରେ ଖୁବ୍ ଶୀଘ୍ର ଘରଟିଏ ଯୋଗାଇ ଦେବେ ବୋଲି ପ୍ରକାଶ କରିବା ସହିତ ଗେଲପୁର ମେଡିକାଲରେ ବରିଷ୍ଠଙ୍କ ଚିକିତ୍ସା ପାଇ ସ୍ୱତନ୍ତ୍ର ସେବା, ବ୍ୟାଙ୍କରେ ବରିଷ୍ଠ ମାନେ ଯେପରି ସୁରୁଖୁରୁରେ ସେବା ପାଇବେ, ଆଞ୍ଚଳିକ ବରିଷ୍ଠ ନାଗରିକମାନଙ୍କୁ ଉତମ ନ୍ୟାୟ ପ୍ରଦାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇବେ ବୋଲି କହିଥିଲେ।

ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ବରେଣ୍ୟ ଅତିଥି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ ବରିଷ୍ଠଙ୍କ ପାଇଁ ଜିଲ୍ଲାର ସମସ୍ତ ହସ୍ପିଟାଲରେ ସ୍ୱତନ୍ତ୍ର ଚିକିତ୍ସା ସୁବିଧା ଉପଲବ୍ଧ ପାଇଁ ଯତ୍ନଶୀଳ ଅଛନ୍ତି, ଗେଲପୁର ନୂଆ ମେଡିକାଲରେ ପଞ୍ଜିକରଣ, ନିରାମୟ, ନିଦାନ ବିଭାଗରେ ସମସ୍ତ ସୁବିଧା ଯୋଗାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବିଶିଷ୍ଟ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର ପଣ୍ଡା, ଡା. ରବୀନ୍ଦ୍ର କୁମାର ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସ ବକ୍ତବ୍ୟ ରଖିଥିଲେ।

ମହାସଂଘର ମୁଖପତ୍ର 'ବରିଷ୍ଠ' ଅତିଥିଙ୍କ ଦ୍ୱାରା ଲୋକାର୍ପଣ କରା ଯାଇଥିଲା। ଶ୍ୟାମ ସୁନ୍ଦର ଦାଶ, ଡା. ସୁଧାକର ଖଟୁଆ, ଗୋଲକ ଚନ୍ଦ୍ର ମହାନ୍ତି, ଉଦୟନାଥ ମହାନ୍ତି, ହରେକୃଷ୍ଣ ସାହୁଙ୍କୁ ବରିଷ୍ଠ ନାଗରିକ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କର ଅଧିକାରିଣୀ ମଧୁସ୍ମିତା ସାହୁଙ୍କୁ ଉତ୍କର୍ଷ ସେବା ସମ୍ମାନରେ ସମ୍ମାନିତ କରାଯିବା ସହିତ କାଶୀନାଥ ସାହୁଙ୍କୁ ସ୍ୱତନ୍ତ୍ର ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ମହାସଂଘର ଉପଦେଷ୍ଟା ଅଜୟ କୁମାର ନାୟକ ସଭା ସଞ୍ଚାଳନ କରିଥିଲେ।

## ଜନବସତି ଅଞ୍ଚଳରେ ଇଟାଭାଟି

# ଜରିମାନାରେ ସୀମିତ କାର୍ଯ୍ୟାନୁଷ୍ଠାନ

ବନ୍ତ/ଆଗରପଡ଼ା, ୮।୧(ସମିସ)



ବନ୍ତ ତହସିଲ ଅଧିନରେ ଥିବା ୨୫ଟି ପଞ୍ଚାୟତ ମଧ୍ୟରୁ ଏବେବି ମୁଖ୍ୟତଃ ଆଗରପଡ଼ା ଓ ତାର ଆଖପାଖ ଅଞ୍ଚଳ ମହାନ୍ତିପଡ଼ା, ସାହୁପଡ଼ା, କାଣ୍ଡବା, ଗୋପିନାଥପୁର, ଅଣିଜୋ ଆଦି ସାଳନ୍ଦି ନଦୀକୂଳ ଗ୍ରାମର କୋଣ ଅନୁକୋଣରେ ଶହ ଶହ ଇଟାଭାଟି ଜଳୁଥିବା ଦେଖିବାକୁ ମିଳୁଛି। ଏହି ବେଆଇନ ଇଟାଭାଟି ପୋଡ଼ି ଯୋଗୁଁ ବାୟୁମଣ୍ଡଳ ପ୍ରଦୂଷିତ ହେବା ସହ ଇଟାଭାଟିର ଧୂଆଁରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ହେଲେ ପ୍ରଶାସନର ଏଥିପ୍ରତି ନିଘା ନାହିଁ। ତହସିଲଦାର ଓ ତାଙ୍କ କର୍ମଚାରୀ ଏହି ବିଷୟରେ ଅବଗତ ଥାଇ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଓ ପରୋକ୍ଷରେ ଇଟାଭାଟି ମାଲିକମାନଙ୍କୁ ସହଯୋଗ କରୁଥିବାର ଅଭିଯୋଗ ହେଉଛି। ସରକାରଙ୍କ ପକ୍ଷରୁ ଇଟା ପକାଇବା ଲାଗି ନିୟମ ପ୍ରଣୟନ କରାଯାଇଥିଲେ ସୁଦ୍ଧା କେବଳ ହାତଗଣତି କେତେକ ଇଟାଭାଟି ମାଲିକଙ୍କ ଠାରୁ ରୟାଲିଟି ଓ ଜରିମାନା ଆଦାୟ କରି ପ୍ରଶାସନିକ ଅଧିକାରୀମାନେ ସେମାନଙ୍କର କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି। ପ୍ରଶାସନ ପକ୍ଷରୁ ଚିମିନି ଭାଟି ଗୁଡ଼ିକୁ ବାର୍ଷିକ ଲିଜ୍ ସୂତ୍ରରେ ଲାଇସେନ୍ସ ପ୍ରଦାନ କରାଯାଉଥିବା ବେଳେ ଏହି ସାଧାରଣ ଇଟାଭାଟି ପାଇଁ କୌଣସି ସୁବିଧା ନାହିଁ। କେବଳ ରୟାଲିଟି ଓ ଫାଇନ ଆଦାୟ ବ୍ୟବସ୍ଥାରେ ପୋଡ଼ା ଚାଲିଛି ଶହ ଶହ ଇଟାଭାଟି। ଏହି ଫାଇନ ବ୍ୟବସ୍ଥା ପୁଣି କେତେକ ହାତଗଣତି ମାଲିକଙ୍କ କ୍ଷେତ୍ରରେ ଲାଗୁ ହୋଇଥିବା ବେଳେ ଅନେକ ଇଟା ମାଫିଆମାନେ ଲକ୍ଷ ଲକ୍ଷ ଇଟା ପୋଡ଼ି ଚାଲିଥିଲେ ମଧ୍ୟ ଇଟାମାଫିଆ ଓ କିଛି ପ୍ରଶାସନିକ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ତାହା ସରକାରୀ ରେକର୍ଡ଼ଭୁକ୍ତ ହେଉନଥିବା ଅଭିଯୋଗ ହେଉଛି। ଯାହା ଫଳରେ କିଛି ପ୍ରଶାସନିକ ଅଧିକାରୀ ଓ ଇଟା ମାଫିଆମାନେ ଏହି ବ୍ୟବସ୍ଥାକୁ ଅପଣାଇ ମାଲେମାଲ ହେଉଛନ୍ତି। ଇଟାଭାଟି ମାଫିଆମାନେ ପ୍ରଶାସନିକ ନୀତି ନିୟମକୁ ଖୋଲାଖୋଲି ଭାବେ ଉଲଂଘନ କରି ଜନବସତି ମଧ୍ୟରେ ଇଟାଭାଟି ପୋଡ଼ି ଚାଲିଛନ୍ତି ଏବଂ ଚଢାଦରରେ ଇଟା ଗୁଡ଼ିକୁ ବିକ୍ରି କରୁଛନ୍ତି। ଜନବସତି ନିକଟରେ ବହୁଳ ସଂଖ୍ୟାରେ ବେଆଇନ ଇଟାଭାଟି ନିର୍ମାଣ କରି ଚାଲୁଥିବାରୁ ବାୟୁମଣ୍ଡଳ ଉତ୍ତପ୍ତ ଓ ପ୍ରଦୂଷିତ ହେଉଛି। କିନ୍ତୁ ମାଫିଆମାନେ ଏହାକୁ ବେଖାତିର କରି ତାଙ୍କ ବେପାର କରିଚାଲିଛନ୍ତି। ମାଫିଆମାନଙ୍କ କବଳରୁ ପରିବେଶକୁ ରକ୍ଷା ନକରାଗଲେ ଆଗାମୀ ଦିନରେ ସାଳନ୍ଦୀରେ ଆଗରପଡ଼ା ଓ ତା ଆଖପାଖ ଅଞ୍ଚଳର ବହୁ ଗ୍ରାମ ଲୀନ ହେବା ସୁନିଶ୍ଚିତ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ବରିଷ୍ଠ ନାଗରିକଙ୍କ ପଦଚିହ୍ନ ସର୍ବଦା ଅନୁକରଣୀୟ



ଅସୁରାଳି, ୮।୧(ସମିସ):କୋଠାର ବରିଷ୍ଠ ନାଗରିକ ମଞ୍ଚର ୨୧ ତମ ବାର୍ଷିକ ଉତ୍ସବ କୋଠାର ସ୍ଥିତ ବାଲିଚନ୍ଦ୍ରିଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତିତ୍ୱ କରିଥିଲେ ସଭାପତି ବାଦଲ ସିକ୍ ଦାର, ସମ୍ପାଦକ ଭାବେ ବିଷ୍ଣୁଚରଣ ମହାନ୍ତି, ଉପଦେଷ୍ଟା ଭାବେ ମଙ୍ଗରାଜ ମଳିକ, ସମ୍ମାନିତ ଅତିଥି ଭାବେ ପ୍ରଶାନ୍ତ ମହାପାତ୍ର ଯୋଗ ଦେଇଥିଲେ। ପରିଣତ ବୟସରେ ପ୍ରତିଟି ମୁହୂର୍ତ୍ତରେ ଉପେକ୍ଷିତ ବରିଷ୍ଠ ନାଗରିକମାନେ ପରିବାର ପ୍ରତି ମଧ୍ୟ ଅଲୋଡ଼ା ହୋଇଯାଉଥିବାର ଦୃଶ୍ୟ ପୁରପଲ୍ଲୀଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଏବେ ସମାଜରେ ଦେଖିବାକୁ ମିଳୁଛି। ଗୁରୁଜନମାନେ ସଦାସର୍ବଦା ପୂଜ୍ୟ ତେଣୁ ସେମାନଙ୍କ ସମସ୍ତ ଜରୁରୀ ସୁବିଧା ହାତ ପାହାନ୍ତାରେ ଯୋଗାଇ ଦେବାପାଇଁ ଅନୁଷ୍ଠିତ ମଞ୍ଚରେ ଉପସ୍ଥିତ ଅତିଥିମାନେ ଦୃଷ୍ଟିପାତ କରିଥିଲେ। ଏଥିସହିତ ଗରିବ ଶ୍ରେଣୀର ନାଗରିକଙ୍କୁ ସହାୟତା ଓ ବିଭିନ୍ନ ସାମାଜିକ ଉନ୍ନତିମୂଳକ କାର୍ଯ୍ୟ ସହ ମୌଳିକ ଅଧିକାର ତଥା ବିଭିନ୍ନ ସମସ୍ୟା ସମାଧାନ କରିବା ଦିଗରେ ମଞ୍ଚ ପକ୍ଷରୁ ସର୍ବସମ୍ମତି ପ୍ରକାଶ ପାଇଥିଲା। ଏବେ ସୁଦ୍ଧା ଏହି ବରିଷ୍ଠ ନାଗରିକ ମଞ୍ଚରେ ୧୨୦ ଜଣ ସଭ୍ୟ ନିଷ୍ଠାପର ଭାବେ କାର୍ଯ୍ୟ ଜାରି ରଖିଥିବା ବେଳେ ଆଗାମୀ ଦିନରେ ଅଧିକରୁ ଅଧିକ ସଭ୍ୟ ଯୋଡିବାପାଇଁ ପ୍ରୟାସ ଜାରିରହିଛି। ଏହି ବାର୍ଷିକ ଉତ୍ସବ ଅବସରରେ ପଥପ୍ରାନ୍ତ ନାଟକ 'ଅଳପ ବାକି' ଅନୁଷ୍ଠିତ ହୋଇଥିଲା। ଏହି ନାଟକର ନାଟ୍ୟ ସଂରଚନା ଓ ନିର୍ଦ୍ଦେଶନା ଦେଇଥିଲେ ସାରଥି ପଣ୍ଡା। ସଂଯୋଜନା କରିଥିଲେ ଅମରେନ୍ଦ୍ର ନାୟକ। କଳାକାର ଭାବେ କାଳନ୍ଦୀ ମଲ୍ଲିକ, ମନୋଜ ପଣ୍ଡା ଓ ଜଗନ୍ନାଥ କର ଥିବାବେଳେ ସଙ୍ଗୀତ୍ ଦେଇଥିଲେ କୃପାସିନ୍ଧୁ ନାଥ, ବାମନ ବିଶ୍ୱାଳ ପ୍ରମୁଖ। ବରିଷ୍ଠ ସାମ୍ବାଦିକ ସନ୍ତୋଷ ଦାସ, ଦୀପ୍ତି ରଞ୍ଜନ ନାୟକ, ରତିକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ
THE SAKALA



www.sakalaepaper.com

### କୋମାରେ ଅବକାରୀ ବିଭାଗ, ପୁଲିସ ନିରବଦ୍ରଷ୍ଟା

# ଗଳିକନ୍ଦିରେ କାୟାବିସ୍ତାର କଲାଣି ଚୋରାମଦ ବେପାର

ରାଜକନିକା,୮।୧(ସମିସ): ରାଜକନିକା ଥାନା ଆଉ କଣ୍ଡିଆ ଫାଣ୍ଡି ଅନ୍ତର୍ଗତ ପ୍ରାୟତଃ ପ୍ରତି ଗାଁ, ଛକ ବଜାର,ଗଳିକନ୍ଦି ଏବେ ଚୋରାମଦ ବେପାରୀଙ୍କ କବ୍ଜାରେ। ଏଥିରେ ଅବକାରୀ ବିଭାଗ ହାତ ବାନ୍ଧି ବସିଥିବା ବେଳେ ସ୍ଥାନୀୟ ପୁଲିସ ବି ନିରବଦ୍ରଷ୍ଟା ସାଜିବା ନେଇ ଅଭିଯୋଗ ହେଉଛି। ରାଜକନିକା ଥାନା ଅନ୍ତର୍ଗତ ପାରିନୂଆପଡ଼ା ହାବଳଗଣ୍ଡ ପଞ୍ଚାୟତ ହାବଳଗଣ୍ଡ, କଇଥାପାଳ ଗ୍ରାମରେ ଜନ ବସତି ଭିତରେ ଖୁଲମ୍‌ଖୁଲା ଚାଲିଛି ମଦ ବେପାର। ଏମିତିକି ହନୁମାନ ମନ୍ଦିର, ଶନିଦେବ ମନ୍ଦିର ଆଉ ଶିବ ମନ୍ଦିରକୁ ନିକଟରେ ବି ଏହି ବେପାର ହେଉଛି। ରାଜକନିକା ବ୍ଲକର ପ୍ରମୁଖ ବ୍ୟବସାୟ ପେଣ୍ଠସ୍ଥଳୀ ଓଳାଭର ବଜାରରେ ମଧ୍ୟସ୍ଥଳରେ ରହିଛି ସରକାରୀ ଦେଶୀମଦ ଭାଟି। ଏହି ଭାଟିରୁ ପ୍ରତ୍ୟେକ ଦିନ ବଡି ଭୋରରୁ ସ୍କୁଟି ଯୋଗେ ଚୋରା ମଦ ବେପାରୀଙ୍କୁ ଯୋଗାଇ ଦିଆ ଯାଉଛି। ଦେଶୀ ମଦ ଭାରିଗଦା, ବରୁଣାଡିହା, ଖରିଅଣ୍ଟା ପ୍ରମୁଖ ସ୍ଥାନରେ ସରକାରୀ ମଦ ଦୋକାନରେ ଢେର୍ ସଂଖ୍ୟାରେ ବିକ୍ରି ହେଉଛି। ସେଇଭଳି କଣ୍ଡିଆ ଫାଣ୍ଡି ନାକତଳେ ଦୁର୍ଗା ଛକରେ ବିଦେଶୀ ମଦ ପସରା ମେଲିଛି। ଦିନ ଦହାଡେ ଖୁଲମଖୁଲା ମଦ ବିକ୍ରି ହେବା ସ୍ଥଳେ ପୁଲିସ୍ ଫାଣ୍ଡି ନଜରକୁ ଆସୁନାହି କେମିତି ତାହା ସାଧାରଣ ରେ ଚକିତ କରୁଛି। ନମତରା ମଦ ଟ୍ରାଜେଡି ବିଗତ ଦିନରେ ସାରା ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିଲା। ନମତରା ମହିଳାମାନେ ମଦ ବିରୋଧୀ ଆନ୍ଦୋଳନ ପାଇଁ ସାବାସୀ ଗୋଟାଇ ଥିଲେ। ହେଲେ ସେଦିନ ସ୍ଥିତି ଏବେ ବଦଳି ଯାଇଛି। ଫାଷ୍ଟଫୁଡ ଦୋକାନ ଓ ଅନ୍ୟ କେତେକ ଦୋକାନରେ ଚୋରାମଦ ବିକ୍ରି ହେବା ନମତରାକୁ ଆଜି ନିନ୍ଦିତ କରୁଛି। ଏହା ସହିତ ଦେଉଳତରା ଛକରେ ବି ଚୋରାମଦ ପ୍ରସାର ଢେର୍ ମାତ୍ରାରେ ବଢି ଗଲାଣି। ଖୁଲମଖୁଲା ଦିନ ଦିପ୍ରହରେ ଏଠାରେ ମଦର ପସରା ମେଲା ହୋଇଛି। ସିହୋପଡା, ଭାମଣ୍ଡା, ଉପାନ୍ତ ଗାଁ ମାନପୁର, ଗୁଣ୍ଟଳ, ଦୋମଣ୍ଡା, ଗହମପାଳରେ ବି ତୀବ୍ର ହେଲାଣି ଚୋରାମଦ କାରବାର। ପଶ୍ଚିମ କନିକାର ଅବଦୁଲପୁର,

■ ସରକାରୀ ମଦ ଦୋକାନ ଦେଉଛି ପ୍ରୋତ୍ସାହନ

■ ବଢୁଛି ଗାଁ ଗାଁରେ ଅସନ୍ତୋଷ

ଅହମ୍ମଦପୁର, ପଣସଗଣ୍ଡ, ପଧାନପଡା, ବଡ ହଳପଡା, ବାଲିସାହି ଗିରୀବନ୍ଧ ଭଳି ଉପାନ୍ତ ଗାଁରେ ଚୋରାମଦ ପ୍ରଚୁର ମାତ୍ରାରେ ବିକ୍ରି ହେଉଥିବାର ଅଭିଯୋଗ ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅବକାରୀ ବିଭାଗ ଆଉ ପୁଲିସ୍ ଅପାରଗତା ଫଳରେ ଏଠାରେ ଗୋଟେ ଗୋଟେ ଗାଁରେ ବେପାରୀଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଛି। ଏହା ଛଡା ଆଳି ବ୍ଲକ ପଦନୀପାଳ ପଞ୍ଚାୟତ ର ଦୈତରୀପୁର ଆଉ ପଦନୀପାଳରେ ପ୍ରଚୁର ମାତ୍ରାରେ ଚୋରା ମଦ ବିକ୍ରି ହେଉଥିବାର ଅଭିଯୋଗ ହେଉଛି। ଯେହେତୁ ନମତରା ପଞ୍ଚାୟତ ନିକଟ ହୋଇଥିବାରୁ ଚୋରାମଦର ପ୍ରଭାବ ଏଠାରେ ବହୁ ମାତ୍ରାରେ ପଡୁଛି। ଏହି ଚୋରାମଦ ବେପାରୀଙ୍କୁ ଖୋଦ ଓଳାଭର ସରକାରୀ ମଦ ଦୋକାନ ଖୁଲମଖୁଲା ପ୍ରୋତ୍ସାହିତ କରୁଥିବାର ମଧ୍ୟ ଅଭିଯୋଗ ହେଉଛି। ବଡି ଭୋର ସମୟରେ ଏହି ମଦ ଦୋକାନରୁ ବିଭିନ୍ନ ଗାଡି ଯୋଗେ ମଦ ଯୋଗାଇ ଦିଆ ଯାଉଥିବାର ନଜରକୁ ଆସୁଛି। ଏଥିରେ ସରକାରୀ ମଦ ଦୋକାନୀ ଯେତିକି ସୁରକ୍ଷା ଦେଉଛି, ତାଠାରୁ ସ୍ଥାନୀୟ ପୁଲିସ ବି ବିଶେଷ ଭାବେ କିଛି ନ ଜାଣିଲା ଭଳି ସୁରକ୍ଷା ପ୍ରଦାନ କରୁଛି। ପ୍ରତି ମାସ ମଦ ବେପାରୀ ବି ପୁଲିସ୍‌କୁ ଉତ୍କୋଚ ଦେବାର ଧାରା ବଜାୟ ରଖୁ ଥିବାରୁ ପୁଲିସ୍ ଭୟ କି ଅବକାରୀ ବିଭାଗକୁ ବେପାରୀଙ୍କ ଭୟ ରହୁ ନାହିଁ। ଫଳରେ ଚୋରାମଦ ବେପାର ବ୍ୟାପକ ହୋଇଛି। ଗାଁ ଛକ ବଜାର, ଗଳିକନ୍ଦି ସହିତ ପାନ ଦୋକାନ, ତେଜରାତି ଦୋକାନ, ଫାଷ୍ଟଫୁଡ ଦୋକାନମାଙ୍କରେ ଏଭଳି ଚୋରାମଦର ବହୁଳ ବିକ୍ରି ସାମାଜିକ ସ୍ଥିରତା ଉପରେ ପ୍ରଭାବ ପକାଇ ଥିଲେ ବି ଏଥିନେଇ ବିଭାଗର ତତ୍ପରତା ପ୍ରକାଶ ନ ପାଇବା ସାଧାରଣରେ ଅସନ୍ତୋଷ ବଢୁଛି। ଏମିତିକି ପୁଲିସର ଘଣ୍ଟଘୋଡା ନୀତି ପାଇଁ ହିଁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି ବୋଲି ଅଭିଯୋଗ ହେବା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ୍। ବିଭାଗୀୟ ଉଚ୍ଚାଧିକାରୀ ଏଥିନେଇ ଦୃଢ ପଦକ୍ଷେପ ନେବାକୁ ବୁଦ୍ଧିଜିବୀ,ମହିଳା ଗୋଷ୍ଠୀ, ସାମାଜିକ ଅନୁଷ୍ଠାନ, ନିଶାନିବାରଣ ଅନୁଷ୍ଠାନ ସହିତ ସାଧାରଣ ଜନତା ଦାବି କରିଛନ୍ତି।

### ■ ପରିବାରଲୋକେମୋବାଇଲଦେଲେନି

## ନାବାଳକ ପୁଅର ଆତ୍ମହତ୍ୟା

ରାଜକନିକା,୮।୧(ସମିସ): ଗରିବ ସଂସାର ଭିତରେ ଛୁଆଙ୍କୁ ବହୁ କଷ୍ଟରେ ଲାଳନ ପାଳନ କରି ଆସୁଥିବା ବାପା ମା କେବେ ଭାବି ନ ଥିଲେ ଗୋଟିଏ ମୋବାଇଲ ପାଇଁ ଦିନେ ତାଙ୍କର ସୁନାର ସଂସାର ଉଜୁଡିଯିବ। ପରିବାରର ଭବିଷ୍ୟତ ଏକମାତ୍ର ପୁଅର ମୋବାଇଲ ନିଶା ଶେଷରେ ତାକୁ ଆତ୍ମହତ୍ୟା ପଥ ବାଛି ନେଇଛି। ଘଟଣାଟି ଘଟିଛି ରାଜକନିକା ଥାନାର ଜୟକୁଣ୍ଡା ଗାଁ ରେ। ଏହି ଗାଁ ର କପିଳ ଚନ୍ଦ୍ର ବେହେରାଙ୍କ ଏକମାତ୍ର ୧୪ ବର୍ଷର ପୁଅ ପ୍ରମୋଦ କୁମାର ବେହେରା ଯେ କି ତାରାମଣୀ କପିଳେଶ୍ୱର ହାଇସ୍କୁଲରେ ନବମ ଶ୍ରେଣୀରେ ପଢେ। ଆଜି ସକାଳେ ବାପାଙ୍କୁ ଏକ ମୋବାଇଲ ଦେବାକୁ ଜିଦ କରିଥିଲା। ବାପା ଅଭାବରେ ଥିବାରୁ ପୁଅର ଜିଦ୍‌କୁ ପରେ କେବେ ପୂରଣ କରିବାର ଭରସା ଦେଇ ପ୍ରମୋଦର ଭଉଣୀକୁ ନେଇ ମେଡିକାଲ ଆସିଥିଲେ। ଗତ ଥର ଭଉଣୀକୁ ମେଡିକାଲ ଆଣିବା ବେଳେ ପ୍ରମୋଦ ବାପାଙ୍କ ସହ ମେଡିକାଲ ବି ଆସିଥିଲା। ଆଜି ପୁଣି ବାପାଙ୍କ ସାଙ୍ଗରେ ଆସିବାକୁ ଜିଦ କରିବାରୁ ବାପା କପିଳ ତାକୁ ବାରଣ କରି ଘରେ ଛାଡି ମାଆ ଓ ଝିଅକୁ ସାଙ୍ଗରେ ଧରି ଆସିଥିଲେ। ଏହି ସମୟରେ ଘରେ ଥିବା ପ୍ରମୋଦ ମା'ର ଶାଢ଼ୀ ଆଣି ବେକରେ ଗୁଡ଼ାଇ ଘରର ଫ୍ୟାନରେ ଝୁଲି ପଡ଼ିଥିଲା। ସକାଳ ପ୍ରାୟ ୭ ଟା ବେଳେ ଘଟିଥିବା ଏଭଳି ଘଟଣା ଜାଣିବା ପରେ ସାରା ଗାଁରେ ଶୋକର ଛାୟା ଖେଳି ଯାଇଛି। ଜୟକୁଣ୍ଡା ଗାଁ ଏହି ପରିବାରର ପାଇଁ ମୋବାଇଲ ଅଚାନକ ସବୁ ଓଲଟପାଲଟ କରିଦେଇଛି।

## ୧୦ରେ ସଂଯୁକ୍ତ କିଷାନ ମୋର୍ଚ୍ଚାର ଚେତାବନୀ ସମାବେଶ

କେନ୍ଦ୍ରାପଡା,୮।୧(ସମିସ): ଭାଗଚାଷୀଙ୍କୁ କ୍ଷତିପୂରଣ, ରାଜ୍ୟବ୍ୟାପୀ ମଣ୍ଡି ଖୋଲିବା ଏବଂ ମୃତକ କୃଷକ ପରିବାରକୁ ୨୦ ଲକ୍ଷ ଟଙ୍କା ପ୍ରଦାନ ଦାବିରେ ସଂଯୁକ୍ତ କିଷାନ ମୋର୍ଚ୍ଚା ତରଫରୁ ଜାନୁଆରୀ ୧୦ରେ ରାଜ୍ୟବ୍ୟାପୀ କୃଷକ ଚେତାବନୀ ଦିବସ ପାଇଁ ଆହ୍ୱାନ ପରିପ୍ରେକ୍ଷୀରେ କେନ୍ଦ୍ରାପଡାରେ ସଫଳ କରିବା ପାଇଁ ସଂଯୁକ୍ତ କିଷାନ ମୋର୍ଚ୍ଚା, କେନ୍ଦ୍ରାପଡା ଜିଲ୍ଲା ସମନ୍ୱୟ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଖଡ଼ିଅଙ୍ଗସ୍ଥିତ ଓଡ଼ିଶା କୃଷକସଭା ଜିଲ୍ଲା କାର୍ଯ୍ୟାଳୟରେ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। କ୍ଷତିପୂରଣ ନ ମିଳିବାରୁ ଆମ ଜିଲ୍ଲାରେ ୩ଜଣ ଚାଷୀ ଏବଂ ଭାଗଚାଷୀ ଆତ୍ମହତ୍ୟା କିମ୍ବା ହୃଦ୍‌ଘାତରେ ମୃତ୍ୟୁବରଣ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟ ତମାମ ଆବଶ୍ୟକ ଧାନମଣ୍ଡି ନଖୋଲିବା ଯୋଗୁଁ ଚାଷୀ ଏବଂ ଭାଗଚାଷୀମାନେ ଅଭାବୀ ଦରରେ ଧାନ ବିକ୍ରୀ କରିବାକୁ ବାଧ ହେଉଛନ୍ତି। ଡବଲ ଇଞ୍ଜିନ ସରକାର ଚାଷୀଙ୍କ ଏହି ଦୁର୍ଦ୍ଦଶାକୁ ଲାଘବ କରିବାରେ ସଂପୂର୍ଣ ବିଫଳ ହୋଇଛନ୍ତି। ସଂଯୁକ୍ତ କିଷାନ ତରଫରୁ ଜାନୁଆରୀ ୧୦ ତାରିଖରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଅଫିସ ସମ୍ମୁଖରେ "କୃଷକ ଚେତାବନୀ ଦିବସ'କୁ ବିକ୍ଷୋଭ ଜରିଆରେ ସଂଗଠିତ କରାଯିବ । ବୈଷ୍ଣବ ସ୍ୱାଇଁଙ୍କ ସଭାପତିତ୍ୱର ଅନୁଷ୍ଠିତ ବୈଠକରେ ଆବାହକ ଗୟାଧର ଧଳ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମଣୀ ରଞ୍ଜନ ରାଉତରାୟ, ଫକୀର ଖଟୁଆ, ମୁକ୍ତାର ଖାଁ, ଆଦିକନ୍ଦ ରାଉଳ, ସୁରେଶ ଚନ୍ଦ୍ର ପଟ୍ଟନାୟକ, ଜଗତଯିବନ ଦାଶ, ପ୍ରକାଶ ମହାନ୍ତି, ମାଧବ ଦାସ, ମହେନ୍ଦ୍ର ପଟ୍ଟନାୟକ,ବିଦ୍ୟୁଭୂଷଣ ମହାପାତ୍ର, ନିରଞ୍ଜନ ପରିଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ପଠାଣୀ ସାମନ୍ତ ମେଧାବୃତ୍ତି ପରୀକ୍ଷାରେ ଗଣିତ ଛାତ୍ରଙ୍କ କୃତିତ୍ୱ

ମହୁ,୮।୧(ସମିସ): ଆଳିବ୍ଲକ ଅନ୍ତର୍ଗତ ମହୁ ଗ୍ରାମର ସ୍ନେହାଶିଷ ବ୍ରହ୍ମା ୨୦୨୨-୨୩ ଶିକ୍ଷାବର୍ଷର ୬ଷ୍ଠଶ୍ରେଣୀ ପଠାଣୀ ସାମନ୍ତ ମେଧାବୃତ୍ତି ପରୀକ୍ଷାରେ ୭୫ ପ୍ରତିଶତ ମାର୍କ ରଖି ଆଳି ବ୍ଲକରେ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ମହୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତରଫରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହେଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଖ୍ୟାତି ସମ୍ପର୍ଣ୍ଣ ସାହିତ୍ୟକ, ସାମ୍ବାଦିକ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବନମାଳୀ ସେନାପତି ଓ ପ୍ରଧାନ ଶିକ୍ଷୟତ୍ରୀ ମନୋରମା ମିଶ୍ର, ମାନସ ରଞ୍ଜନ ଧଳ, ଅଲିଭା ଜେନା , ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ସୁଶାନ୍ତ ସାହୁ ଉପସ୍ଥିତ ଥିଲେ। ମହୁ ଗ୍ରାମର ସଞ୍ଜୟ ବ୍ରହ୍ମା ଓ ବନଜୀନି ବ୍ରହ୍ମାଙ୍କ ପୁତ୍ର ହେଉଛନ୍ତି ସ୍ନେହାଶିଷ ବ୍ରହ୍ମା । ବର୍ତ୍ତମାନ ସେ ଆଳି ଆଦର୍ଶ ବିଦ୍ୟାଳୟରେ ଛାତ୍ର ଭାବେ ଅଧ୍ୟୟନ କରୁଛନ୍ତି । ତାଙ୍କର ଏହି ସଫଳତା ପାଇଁ ମହୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଶୁଭେଚ୍ଛା ସହିତ ଶୁଭକାମନା ଦିଆଯାଇଛି। ଏହି ସମ୍ବର୍ଦ୍ଧନା ସଭାକୁ ସହକାରୀ ଶିକ୍ଷକ ରତିକାନ୍ତ ପାତ୍ର ପରିଚାଳନା କରିଥିଲେ।

## ଧାନମଣ୍ଡିରେ ଧାନକ୍ରୟର ପ୍ରାକ୍ ପ୍ରସ୍ତୁତି

ରାଜକନିକା,୮।୧(ସମିସ): ଖରିଫ ଧାନ ସଂଗ୍ରହ ପାଇଁ ସରକାରୀସ୍ତରରେ ଆସନ୍ତା ୧୦ ତାରିଖରେ ଜିଲ୍ଲାର ସମସ୍ତ ବ୍ଲକରେ ଧାନ ସଂଗ୍ରହ କରାଯିବା ପୂର୍ବରୁ ପ୍ରଶାସନିକସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଗତକାଲି ସନ୍ଧ୍ୟା ୭ଟାରେ ରାଜକନିକା ବ୍ଲକ ଓସ୍ୱାନ ହଲରେ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ କରାଯାଇଥିବ ପ୍ରାକ୍ ପ୍ରସ୍ତୁତି ବୈଠକରେ ରାଜକନିକା ବ୍ଲକର ସମସ୍ତ ୧୬ ଟି ପାକ୍ସର ସିଇଓ ମାର୍କେଟିଂ ଇନ୍ସପେକ୍ଟରଙ୍କ ସହ ଜିଲ୍ଲାପାଳ ପ୍ରସ୍ତୁତି ନେଇ ସମୀକ୍ଷା କରି ଅସୁବିଧା ଦୂର ପାଇଁ ପ୍ରୟାସ ହୋଇଛି । ପ୍ରଥମତଃ ପ୍ରତି ମଣ୍ଡିରେ ଧାନ ରଖିବା ପାଇଁ ତାରପୋଲିନର ଅଭାବ ଥିବା ସିଇଓ ମାନେ ଜଣାଇଥିଲେ। ସେହିପରି ରାଜକନିକା ବ୍ଲକର ନହୁଲିଆ-ବାଦରଜା, ଆୟତନ-କୋଇଲିପୁର ଓ ମହାଦେଇ ଆଡ଼ିଆ-ଝାଡ଼ମାଳ ରାସ୍ତା ନିର୍ମାଣ ଚାଲିଥିବା ଦ୍ୱାହିରେ ଠିକାଦାର କଂକ୍ରିଟ ରାସ୍ତା କରିବା ପରେ ସାଇଡ୍‌ରେ ପ୍ୟାକ୍ କରି ନ ଥିବାରୁ ଧାନ ସଂଗ୍ରହ ପାଇଁ ଟ୍ରକ ଯିବା ଆସିବାରେ ଅସୁବିଧା ହେବା ଦର୍ଶାଇଥିଲେ। ତୁରନ୍ତ ପୂର୍ତ୍ତ ବିଭାଗ ସହ ଏ ବାବଦରେ ଆଲୋଚନା କରି ରାସ୍ତା ସୁଗମ କରିବାକୁ ଜିଲ୍ଲାପାଳ ପ୍ରସ୍ତାବ ଦେଇଥିଲେ। ପ୍ରତି ମଣ୍ଡିରେ ଜଣେ କ୍ୱାଲିଟି ଆନାଲାଇଜର ରହି ଧାନର ମାନ ନିର୍ଦ୍ଧାରଣ କରିବା ପରେ ଏଫ୍‌କ୍ୟୁ ମାନର ଧାନ ସଂଗ୍ରହ କରାଯିବ ।ଟୋକନ ପାଇଥିବା ଚାଷୀଙ୍କୁ କ୍ରମାନ୍ୱୟରେ ମିଲର ଧାନ ଦେବା ଦିନ ଅଖା ଯୋଗାଇ ଦେବେ, ମଣ୍ଡିରେ ସିଇଓ ମାନେ ଚାଷୀଙ୍କୁ ଅଖା ଦେବା ପରେ ଧାନ ମଣ୍ଡିକୁ ଅଣାଯିବ। ମଣ୍ଡିରେ ପର୍ଯ୍ୟାପ୍ତ ପରିମାଣର ପିଇବା ପାଣି, ଫାଷ୍ଟ ଏଡ୍, ଛାମଡ଼ିଆ କରାଯିବ। ଧାନର ମାନେ ସମ୍ପର୍କରେ ହୋଇଥିବା ପ୍ରଶ୍ନରେ ଚାଷୀ ମାନେ ଯେହେତୁ ଅଦିନିଆ ବର୍ଷା ପାଇଁ କ୍ଷତିପୂରଣ ପାଉଛନ୍ତି ତେଣୁ ଧାନର ମାନରେ କୌଣସି ପ୍ରକାର କୋହଳ କରାଯିବ ନାହିଁ ବୋଲି ଜିଲ୍ଲାପାଳ ସ୍ପଷ୍ଟ କରିଥିଲେ । ଆସନ୍ତା ୯ ତାରିଖରେ ଆଉ ଗୋଟିଏ ପ୍ରାକ୍ ପ୍ରସ୍ତୁତିର ସମୀକ୍ଷା କରାଯିବା ପରେ ୧୦ ତାରିଖରେ ଧାନ ସଂଗ୍ରହ ହେବ ବୋଲି ସୂଚନା ମିଳିଛି।

## ସେମିଫାଇନାଲରେ ଜଗତସିଂହପୁର ହିନ୍ଦୁସ୍ତାନ

ମାର୍ଶାଘାଇ,୮।୧(ସମିସ): ମାର୍ଶାଘାଇ ବ୍ଲକ ଅଙ୍ଗୁଳାଇ ମିନି ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଅଙ୍ଗୁଳାଇ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଶେଷ ଲିଗ ମ୍ୟାଚରେ କେନ୍ଦ୍ରାପଡ଼ାର ବାଲାବାବା ଟିମକୁ ହରାଇ ଜଗତସିଂହପୁର ହିନ୍ଦୁସ୍ତାନ ଟିମ ସେମିଫାଇନାଲରେ ପ୍ରବେଶ କରିଛି। କେନ୍ଦ୍ରାପଡ଼ା

**ରାଜ୍ୟସ୍ତରୀୟ ଅଙ୍ଗୁଳାଇ କପ୍ କ୍ରିକେଟ୍**

ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରୁ ୨୩.୧ ଓଭରରେ ବ୍ୟାଟର ଅବିନାଶ ବେହେରାଙ୍କ ଦ୍ରୁତ ୪୧ ବଲରୁ ୭୬ ରନ ସତ୍ତ୍ୱେ ସମସ୍ତ ଉଇକେଟ ହରାଇ ୧୬୮ ରନ ସଂଗ୍ରହ କରିଥିଲା। ଜବାବରେ ୨୨.୪ ଓଭରରେ ମାତ୍ର ଦୁଇ ଉଇକେଟ୍ ହରାଇ ହିନ୍ଦୁସ୍ଥାନ ଟିମ ୧୬୯ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ବ୍ୟାଟର ଟିମ ଯୁବରାଜ ସିଂ ୬୪




ବଲରୁ ଅପରାଜିତା ୭୬ରନ ଏବଂ ସୌଭାଗ୍ୟ ମିଶ୍ର ୩୮ ବଲରୁ ୪୮ ରନ ସଂଗ୍ରହ କରିଥିଲେ। ହିନ୍ଦୁସ୍ଥାନ ଟିମର ବୋଲର ସୁପ୍ରଭାତ ପଟ୍ଟନାୟକ ୫ ଓଭରରେ ୨୬ ରନ ଦେଇ ୬ଉଇକେଟ ହାସଲ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇ ମାର୍ଶାଘାଇ ଅଶୋକା ଅମ୍ବିକା ପ୍ରତିଷ୍ଠାନ ପକ୍ଷରୁ ପ୍ରଦତ୍ତ ଟ୍ରଫି ଏବଂ ଅର୍ଥରାଶି ପ୍ରାପ୍ତ ହୋଇଥିଲେ। ଓଡିଶା କ୍ରିକେଟ୍ ଆସୋସିଏସନ ପ୍ୟାନେଲିଷ୍ଟ ଆମ୍ପାୟାର ପ୍ଲାବନ କୁମାର ସ୍ୱାଇଁ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## କପିଳେଶ୍ୱର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ମହାକାଳପଡ଼ା,୮।୧(ସମିସ): ମହାକାଳପଡା ବ୍ଲକ ଖୁରୁଷିଆପାଟସ୍ଥିତ କପିଳେଶ୍ୱର ଉଚ୍ଚ ବିଦ୍ୟାଳୟର ୬୧ତମ ବାର୍ଷିକ କ୍ରୀଡ଼ା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗମୋହନ ଦାସଙ୍କ ପୌରହିତ୍ୟରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ପୂର୍ବତନ ପ୍ରଧାନଶିକ୍ଷକ ରାଜକିଶୋର ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ରାଉତରାୟ, ପଞ୍ଚସଖା ଶିକ୍ଷାସେତୁ କମିଟି ଅଧ୍ୟକ୍ଷ ମହେନ୍ଦ୍ର କୁମାର ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେଶ ପ୍ରଧାନ, ଲଳିତେନ୍ଦୁ ବେହେରା ଓ ପୂର୍ବତନ କ୍ରୀଡା ଶିକ୍ଷକ ସରୋଜକାନ୍ତ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାରେ ବାଳିକା ବର୍ଗରେ ଅର୍ଚ୍ଚିତା ସାମନ୍ତରାୟ ଓ ବାଳକ ବର୍ଗରେ ଆଶିଷ ଦାସ ଚମ୍ପିଆନ୍ ଭାବେ ପୁରସ୍କୃତ ହୋଇଥିଲେ। ବିଦ୍ୟାଳୟରୁ ଗତ ଶିକ୍ଷା ବର୍ଷର ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀ ବନସ୍ମିତା ବିଶ୍ୱାଳ, ଗଣିତ ଓ ବିଜ୍ଞାନରେ ଉତ୍କର୍ଷତା ପାଇଁ ଛାତ୍ର ମାନସ ରଞ୍ଜନ ବେହେରା ଓ ଅଲରାଉଣ୍ଡ ସଫଳତା ପାଇଁ ଛାତ୍ରୀ ସସ୍ମିତା ଓଝାଙ୍କୁ ଦୁଇହଜାର ଟଙ୍କା ଲେଖାଏଁ ପୁରସ୍କୃତ ରାଶି ପ୍ରଦାନ କରାଯାଇଥିଲା। ଶିକ୍ଷକ ସୁଧୀର କୁମାର ସାହୁଙ୍କ ମଞ୍ଚ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଉଷାରାଣୀ ରାଉତ, ରଞ୍ଜିତା ସାହୁ ମାଧବ ବେହେରା, ବିମ୍ବାଧର ମାଝୀ ପ୍ରମୁଖ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହାୟତା କରିଥିଲେ।

### ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ

# ମାଆ ଓ ବିଦ୍ୟାଳୟ ପ୍ରତି ଯତ୍ନବାନ ହେବା ଆମର ଦାୟିତ୍ୱ

ରାଜନଗର, ୮।୧ (ସମିସ): ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳସ୍ଥିତ ଶ୍ରୀ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ମହେଶ୍ୱର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ମୁଖ୍ୟବକ୍ତା ଭାବେ ଫକୀର ମୋହନ ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ କୁଳପତି ବିଶିଷ୍ଟ ଅର୍ଥନୈତିଜ୍ଞ ପ୍ରଫେସର ଡଃ. କୁମରବର ଦାସ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ



ରାଜନଗର ବିଧାୟକ ଧ୍ରୁବ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ସରପଞ୍ଚ ଚିତ୍ତ ରଂଜନ ପଣ୍ଡା ପ୍ରମୁଖ ଯୋଗଦେଇ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ କାର୍ଯ୍ୟକ୍ରମ ବିଦ୍ୟାଳୟର ଅତୀତ ସ୍ମୃତିକୁ ସାଉଁଟିବା ସହିତ ଭବିଷ୍ୟତ ଛାତ୍ରଛାତ୍ରୀଙ୍କ ପାଇଁ ଅନନ୍ୟ ପରମ୍ପରାର ବାର୍ତ୍ତା ବହନ କରିବ ବୋଲି କହିଥିଲେ। ପୁରାତନ ଛାତ୍ର ଅପୂର୍ବ ମିଳନ ରାଉତ ଅତିଥି ପରିଚୟ ପ୍ରଦାନ, ପ୍ରାକ୍ତନ ଛାତ୍ରୀ ଭଗବତୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ପ୍ରାକ୍ତନ କମିଟିର ସଭ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୩ ଦିନ ଧରି ଅନୁଷ୍ଠିତ ଏହି ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅନାଦି ଚରଣ ଜେନାଙ୍କ ରଚିତ କେରେଡା ପୁଅ, ଭକ୍ତ ସାଲବେଗ, ଭୂଲ କେବେ ହେବନି, ଗୋପବନ୍ଧୁ, ବସନ୍ତ ସାର୍ ନାଟକ ପରିବେଷଣ କରାଯାଇଥିବା ବେଳେ ହାସ୍ୟ ଅଭିନେତା ଦିପ୍ତୀ ରଂଜନଙ୍କ ବ୍ୟଙ୍ଗାତ୍ମକ ଅଭିନୟ ଏବଂ ସଂଳାପ ଦର୍ଶକମାନଙ୍କୁ ଆମୋଦିତ କରିଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିରଂଚି ନାରାୟଣ ବେହେରାଙ୍କ ସମେତ ଶିକ୍ଷକ, ଶିକ୍ଷାକର୍ମଚାରୀ ତଥା ପୁରାତନ ଛାତ୍ର ଛାତ୍ରୀମାନେ ପରିଚାଳନା କରିଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ୟୁନିଟ ରକ୍ତ ସଂଗୃହିତ ହୋଇଥିଲା।

## ରାଜନଗରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ରାଜନଗର, ୮।୧ (ସମିସ): ରାଜନଗର ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ସାମାଜିକ ଅଧିକାରିଣୀ ରୂପାଲି ପ୍ରୀୟଦର୍ଶିନୀ ଯୋଗଦେଇ ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କୁ ଉପକରଣ ବଣ୍ଟନ କରିଥିଲେ। ଏହି ଶିବିରରେ ଅସ୍ଥିଶଲ୍ୟ ବିଭାଗରେ ୨୩୨ଜଣ, ଶ୍ରବଣ ବାଧିତରେ ୪୦, ମାନସିକ ଅନଗ୍ରସରରେ ୬୫, ଦୃଷ୍ଟିବାଧିତରେ ୫୦ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସମେତ ମୋଟ ୩୮୭ଜଣ ଭିନ୍ନକ୍ଷମ ବ୍ୟକ୍ତି ସେମାନଙ୍କ ନାମ ପଞ୍ଜୀକରଣ କରି ପରୀକ୍ଷା କରାଇଥିଲେ। ଏହି ଶିବିରରେ କେନ୍ଦ୍ରାପଡ଼ା ଓ କଟକର ଡାକ୍ତର ବି.କେ.ଦାଶ, ଡାଃ. ବିଜୟ କୁମାର ଦାଶ, ଡାଃ. ସଚ୍ଚିଦାନନ୍ଦ ନାୟକ, ଡାଃ.ଏସ.ଏସ.ବିଶ୍ୱାଳ, ଡାଃ. ଭବତୋଷ ଘୋଷ ପ୍ରମୁଖ ପରୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକର ଶୀତଲ କୁମାର ଜେନା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅନିତ୍ୟ କୁମାର ମିଶ୍ର, ଅବିନାଶ ମହାରଣା, ପ୍ରୀୟ ରଂଜନ ସ୍ୱାଇଁ, ତୁଷାରକାନ୍ତ ବେହେରା, ରମେଶ କୁମାର ଜେନା, ଶଶାଙ୍କ ଦଳାଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ହୃଦ୍‌ଘାତରେ ସଂସ୍କୃତ ଶିକ୍ଷକଙ୍କ ପରଲୋକ

ରାଜକନିକା, ୮।୧ (ସମିସ): ରାଜକନିକା ଥାନାନ୍ତର୍ଗତ ତରପଦା (ବାଟଗାଁ) ର ଗୋଲେଖ ଚନ୍ଦ୍ର ନାୟକ (୫୭) ସ୍କୁଲ ଯିବାକୁ ପ୍ରସ୍ତୁତ ହେଉଥିବା ସମୟରେ ସମୟରେ ହଠାତ୍ ହୃଦ୍‌ଘାତର ଶୀକାର ହୋଇ ତଳେ ପଡିଯାଇଥିେ। ପରିବାର ଲୋକେ ତାଙ୍କୁ ତୁରନ୍ତ ରାଜକନିକା ମେଡିକାଲକୁ ନେବା ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଅପରାହ୍ନ ୨ଟା ୪୫ ମିନିଟରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ସ୍ୱର୍ଗତ ନାୟକ ସଂସ୍କୃତରେ ଜଣେ ବିଦ୍ୱାନ ଥାଇ ଖୁବ ଛାତ୍ରବତ୍ସଳ ଶିକ୍ଷକ ଭାବରେ ସମସ୍ତଙ୍କ ପ୍ରିୟପାତ୍ର ଥିବା ବେଳେ ନିଜ ସ୍କୁଲ ସହ ତାରାମଣୀ କପିଳେଶ୍ୱର ହାଇସ୍କୁଲ ର ୪ ବର୍ଷ ଡେପୁଟିଏସନରେ ଶିକ୍ଷାଦାନ କରିଥିଲେ। ସେହିପରି କରୋନା ପରେ କୋହ୍ଲାର ଏନଜି ବିଦ୍ୟାପୀଠରେ ସପ୍ତାହର ଗୁରୁ, ଶୁକ୍ର ଓ ଶନିବାର ଡେପୁଟେସନରେ ଶିକ୍ଷାଦାନ କରୁଥିଲେ। ଜଣେ ଦକ୍ଷ ଶିକ୍ଷକ ଭାବରେ ପରିଚିତ ଥିବା ସ୍ୱର୍ଗତ ନାୟକଙ୍କ ଜନସମ୍ପର୍କ ପାଇଁ ନିଜ ପତ୍ନୀଙ୍କୁ କୋଇଲିପୁର ପଞ୍ଚାୟତର ବର୍ତ୍ତମାନ ସମିତି ସଭ୍ୟା ଭାବରେ ମଧ୍ୟ ପ୍ରତିଷ୍ଠିତ କରିଥିଲେ । ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ନରେନ୍ଦ୍ର କୁମାର ରାଉତ, ଭାଗିରଥୀ ବେହେରା, ସ୍ୱର୍ଣ୍ଣଲତା ନାୟକ, ଶଶୀରେଖା ବେହେରା, କୃଷ୍ଣଚନ୍ଦ୍ର ନାୟକ, ଉମାକାନ୍ତ ପରିଡା, ପ୍ରଫୁଲ ଜେନା, ସୁକାନ୍ତ ନାୟକ ଓ ସସ୍ମିତା ସାମଲ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି କ୍ଷ ସେହିପରି କୋଇଲିପୁର ପଞ୍ଚାୟତର ସରପଞ୍ଚଅରୁଣରାଉତଙ୍କସହସ୍ଥାନୀୟନେତୃବୃନ୍ଦଶୋକପ୍ରକାଶକରିଶେଷଦର୍ଶନ କରିଛନ୍ତି । ତାଙ୍କର ମୃତ୍ୟୁଶଯ୍ୟା ନିକଟରେ ବିଧବା ପତ୍ନୀ, ଏକମାତ୍ର ଝିଅ ଅଳକା ନାୟକ ସାନଭାଇ ଅକ୍ଷୟଙ୍କ ସହ ବନ୍ଧୁ ବାନ୍ଧବ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ ।

## ପଟ୍ଟାମୁଣ୍ଡାଇ କଲେଜ ଇତିହାସ ବିଭାଗର ଆଲୋଚନାଚକ୍ର

ପଟ୍ଟାମୁଣ୍ଡାଇ,୮।୧(ସମିସ): ପଟ୍ଟାମୁଣ୍ଡାଇ କଲେଜ ଇତିହାସ ବିଭାଗ ପକ୍ଷରୁ 'ଓଡ଼ିଶାରେ ଇଂରେଜ ଶାସନ ବିରୋଧରେ ପ୍ରଥମ ଅସ୍ତ୍ରଭିତ୍ତିକ ଆନ୍ଦୋଳନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟକ୍ଷ ପ୍ରଫେସର ଦିଲୀପ ଭୂୟାଁଙ୍କ ପୌରହିତ୍ୟ ଓ ବିଭାଗୀୟ ମୁଖ୍ୟ ରଞ୍ଜନ ବେହୁରାଙ୍କ ସଂଯୋଜନାରେ ଆୟୋଜିତ ଆଲୋଚନାଚକ୍ରରେ ଉତ୍କଳ ବିଶ୍ୱବିଦ୍ୟାଳୟ ସହକାରୀ ପ୍ରଫେସର ଡ. ଅଜିତ କୁମାର ସାହୁ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇପାଇକମାନଙ୍କସାମାଜିକଓସାମରିକସ୍ଥିତିସହିତକେଉଁପରିସ୍ଥିତିରେ ଇଂରେଜ ଶାସନ ବିରୋଧରେ ଅସ୍ତ୍ର ଉତ୍ତୋଳନ କରିଥିଲେ ତାହା ବିସ୍ତୃତ ଭାବେ ଆଲୋଚନା କରିବା ସହିତ ବକ୍ସି ଜଗବନ୍ଧୁ ଓ ଜୟରାଜ ଗୁରୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ ଓ ଅଧ୍ୟକ୍ଷ ପ୍ରଫେସର ଭୂୟାଁ ସ୍ୱାଗତଭାଷଣ ଓ ଅଧ୍ୟାପକ ପୃଥ୍ୱୀରାଜ ବିଶ୍ୱାଳ ଅତିଥିପରିଚୟ ପ୍ରଦାନ କରିଥିଲେ। ଏହି ଆଲୋଚନାଚକ୍ରରେ ପ୍ରଫେସର ଦେବବ୍ରତ ପ୍ରଧାନ, ପ୍ରାଧ୍ୟାପକ ଫକୀର ଚନ୍ଦ୍ର ପ୍ରଧାନ, ଅଧ୍ୟାପକ ପ୍ରଦ୍ୟୁମ୍ନ ପ୍ରଧାନ, ଚିନ୍ମୟ ସାମଲ, ରୋହିତ ବଗାର୍ତି, ଅଧ୍ୟାପିକା ଦେବସ୍ମିତା ତ୍ରିପାଠୀ ଯୋଗ ଦେଇଥିଲେ ଓ ଶେଷରେ ଅଧ୍ୟାପକ ସତ୍ୟପ୍ରିୟ ସାମଲ ଧନ୍ୟବାଦ ଦେଇଥିଲେ ଓ ଅଧ୍ୟାପକ ପିଣ୍ଟୁ ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଜନଗର ନିର୍ବାଚନ ମଣ୍ଡଳୀରେ ବିଜେପିର ସାଙ୍ଗଠନିକ କାର୍ଯ୍ୟକର୍ତ୍ତା ଚୟନ

ପଟ୍ଟାମୁଣ୍ଡାଇ, ୮।୧ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ନିର୍ବାଚନ ମଣ୍ଡଳୀ ବିଜେପିର ସାଙ୍ଗଠନିକ କାର୍ଯ୍ୟକର୍ତ୍ତା ଚୟନ ହୋଇଛି। ବିଜେପିର ରାଜ୍ୟ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ ସାଂସଦ ପ୍ରତାପ ଷଡଙ୍ଗୀ ଆଜି ନୂତନ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରିଛନ୍ତି। ପଟ୍ଟାମୁଣ୍ଡାଇ ନଗରର ନୂତନ ସଭାପତି ଭାବେ ଅଶୋକ କୁମାର ସାହୁଙ୍କୁ ଚୟନ କରାଯାଇଥିବା ଦଳୀୟ ସୂତ୍ର ଜଣାଯାଇଛି। ସେହିପରି ତାଳଚୁଆ ମଣ୍ଡଳ ସଭାପତି ଭାବେ ନିରଞ୍ଜନ ମହାନ୍ତି, କଣ୍ଟାବଣ ମଣ୍ଡଳ ସଭାପତି ଭାବେ ସ୍ୱାଗତ କୁମାର ଦାଶ,ଜରିମୂଳ ମଣ୍ଡଳ ସଭାପତି ଭାବେ ରାଜୀବ ଲୋଚନ ନାୟକଙ୍କୁ ମଧ୍ୟ ଚୟନ କରାଯାଇଥିବା ବିଜେପି ପକ୍ଷରୁ କୁହାଯାଇଛି। ପୁନଶ୍ଚ ପଟ୍ଟାମୁଣ୍ଡାଇ ମଣ୍ଡଳ ପ୍ରତିନିଧି ଭାବେ ସୁରେଶ ଚନ୍ଦ୍ର ସାହୁଙ୍କୁ ମନୋନୟନ କରାଯାଇଛି। ନୂତନ ଭାବେ ମନୋନିତ କାର୍ଯ୍ୟକର୍ତ୍ତା ମାନଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ସଭାପତି କିଶୋର କୁମାର ପଣ୍ଡା,ପୂର୍ବତନ ବିଧାୟକ ଡକ୍ଟର ଅଲେଖ କୁମାର ଜେନା, ରାଜନଗର ନିର୍ବାଚନ ମଣ୍ଡଳୀ ବିଜେପି ନେତା ଲଳିତ ବେହେରା, ବରିଷ୍ଠ ବିଜେପି ନେତା ଆଡଭୋକେଟ ସଞ୍ଜୟ କୁମାର ସାହୁ, ମିଟୁ ମନୋଜ ନାୟକ, ଦଳିତ ସଙ୍ଘ ସମ୍ପାଦକ ଉତ୍ତମ ମଲିକ, ପୂର୍ବତନ ବିଜେପି ନଗର ସଭାପତି ବିଶ୍ୱରଞ୍ଜନ ପାତ୍ର, ପଦ୍ମଲାଭ ପଣ୍ଡା, ଶଶୀକାନ୍ତ ସ୍ୱାଇଁ, ବିଜେପି ନେତା ରବୀନ୍ଦ୍ର ବିଶ୍ୱାଳ, ଗୋଲେଖ ଚନ୍ଦ୍ର ମଲିକ, କାଉନ୍‌ସିଲର ବିଦ୍ୟାଧର ସେଠୀ, ହୃଷିକେଶ ମଲିକ, ଯୁବନେତା ଦୀପକ ମଲିକ,ପ୍ରଫୁଲ୍ଲ ପାତ୍ର, ଅଭୟ ପାତ୍ର,ଦେବାଶିଷ ମଲିକ, ଭାରତ ଭୂଷଣ ଦାସ, ସମୀର ପାତ୍ର, ଚନ୍ଦନ ପାତ୍ର,ମନ୍ମଥ ରାଉତ, ପୂର୍ବତନ କାଉନସିଲର ପଦାରବିନ୍ଦ ସାହୁ ପ୍ରମୁଖ ସ୍ୱାଗତ କରିଛନ୍ତି।

## ମୃତ ବ୍ୟବସାୟୀଙ୍କୁ ଶ୍ରଦ୍ଧାଞ୍ଜଳି

ମାର୍ଶାଘାଇ,୮।୧(ସମିସ): ମାର୍ଶାଘାଇର ପ୍ରତିଷ୍ଠିତ ବ୍ୟବସାୟୀ ତଥା ମାର୍ଶାଘାଇ ଫିଲିଙ୍ଗ୍ ଷ୍ଟେସନର ମାଲିକ ସ୍ୱର୍ଗତ ଜଳଧର ସ୍ୱାଇଁଙ୍କ ଶ୍ରଦ୍ଧାଞ୍ଜଳିସଭା ବୁଧବାର ତାଙ୍କ ଏକାଦଶାହ ଅବସରରେ ମାର୍ଶାଘାଇ ବସ୍‌ଷ୍ଟାଣ୍ଡ ସମ୍ମୁଖ ବାସଭବନରେ ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ଶିଳ୍ପପତି ରନେନ୍ଦ୍ର କୁମାର ସ୍ୱାଇଁ, କେନ୍ଦ୍ରାପଡ଼ା ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ପାରାଦ୍ୱୀପ ଟ୍ରକ୍ ମାଲିକ ସଙ୍ଘ ଉପସଭାପତି ପ୍ରଦୀପ୍ତ କୁମାର ଗାହଣ, ବ୍ୟବସାୟୀ ରାଜେଶ କୁମାର ମାହେଶ୍ୱରୀ, ପେଟ୍ରୋଲ ପମ୍ପ ମାଲିକ ସଙ୍ଘର ସଦସ୍ୟ ପ୍ରଦୀପ ସାହୁ, ପ୍ରାଧ୍ୟାପକ ସୁକାନ୍ତ କୁମାର ପ୍ରଧାନ, ଧୀରେନ ଚୌଧୁରୀ, ଆଇନଜୀବୀ ବିଭୁତି ଦାସ, ଶଙ୍କର୍ଷଣ ରାଉତ, ବିଚିତ୍ରାନନ୍ଦ ବେହେରା, ଯଶୋବନ୍ତ ରାଉତ, ସାମ୍ବାଦିକ ଶୁଭେନ୍ଦୁ ପ୍ରକାଶ ଦାସ, ଶୁଭେନ୍ଦୁ ଚୌଧୁରୀ, ଯୁବନେତା ରାଜକୁମାର ବେହେରା, ଜ୍ଞାନରଞ୍ଜନ ବସନ୍ତିଆ, ଅରବିନ୍ଦ ସୁନ୍ଦରାୟ, ପ୍ରଫୁଲ୍ଲ ବେହେରା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବଡ଼ ପୁଅ ବିଶ୍ୱ ପ୍ରକାଶ ସ୍ୱାଇଁ, ସାନ ପୁଅ ଜ୍ୟୋତିପ୍ରକାଶ ସ୍ୱାଇଁ, ଝିଅ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଗତିକା ସ୍ୱାଇଁ, ମମତା ସୁନ୍ଦରାୟ, ସବିତା ସ୍ୱାଇଁ, ନର୍ମଦା ସ୍ୱାଇଁ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ସମ୍ପଦ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କେନ୍ଦ୍ରାପଡ଼ା ବାରୋର ଭାବଗ୍ରାହୀ କଳାନିକେତନର କଳାକାରମାନେ ଭକ୍ତି ସଂଗୀତ ପରିବେଷଣ କରିଥିଲେ।

## ଓଡ଼ିଶା ରାଜ୍ୟପାଳଙ୍କୁ ସାକ୍ଷାତ କଲେ ପାରାଦୀପ ବନ୍ଦର ଅଧ୍ୟକ୍ଷ



ପାରାଦୀପ, ୮।୧(ସମିସ): ଓଡ଼ିଶାର ନୂତନ ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଡ.ହରିବାବୁ କମ୍ଭମପତି। ପାରାଦୀପ ବନ୍ଦର ଅଧ୍ୟକ୍ଷ ପିଏଲ ହରନାଦ ବୁଧବାର ଦିନ ରାଜଭବନ ଠାରେ ଓଡ଼ିଶାର ରାଜ୍ୟପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଓଡ଼ିଶାରେ ବନ୍ଦରମାନଙ୍କର ସ୍ଥିତ ସମ୍ପର୍କରେ ଶ୍ରୀ ହରନାଦ ମହାମହିମ ରାଜ୍ୟପାଳଙ୍କୁ ଅବଗତ କରିଥିଲେ। ଆଗାମୀ ଦିନରେ ପାରଦୀପ ବନ୍ଦରକୁ ଆସିବାକୁ ଶ୍ରୀ ହରନାଦ ମହାମହିମ ରାଜ୍ୟପାଳଙ୍କୁ ନିମନ୍ତ୍ରଣ କରିଥିଲେ।

## ଜଗତସିଂହପୁର ଜିଲ୍ଲା ସାମ୍ବାଦିକ ସଂଘର ବୈଠକ



ବାଲିକୁଦା, ୮।୧(ସମିସ): ଉତ୍କଳ ସାମ୍ବାଦିକ ସଂଘ, ଓଡ଼ିଶା ଦ୍ୱାରା ଅନୁବନ୍ଧିତ ଜଗତସିଂହପୁର ଜିଲ୍ଲା ସାମ୍ବାଦିକ ସଂଘର ବ୍ଲକସ୍ତରୀୟ ସାଧାରଣ ପରିଷଦ ବୈଠକ ବାଲିକୁଦା ବ୍ଲକ କୁସୁପୁର ପଞ୍ଚାୟତର ବେରୁହଁ ସେତୁଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲ୍ଲା ସଭାପତି ମନୋଜ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ବୈଠକରେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସମ୍ପାଦକ ରାଧାକାନ୍ତ ମିଶ୍ର, ଜିଲ୍ଲା ସାଧାରଣ ସମ୍ପାଦକ ନିରଞ୍ଜନ ବାରିକ, ସହ ସମ୍ପାଦକ ସୁରେଶ ନାୟକ, ଦେବଜ୍ୟୋତି ମହାନ୍ତି, କୋଷାଧ୍ୟକ୍ଷ ମାନଶ କୁମାର କାନୁନ୍‌ଗୋ, ସଂଗଠନର ସମ୍ପାଦକ ଅମରଜ୍ୟୋତି ସାହୁ, ଉପ ସଭାପତି ସୁଜନ ମୁଦୁଲି, ତାପସ ସ୍ୱାଇଁ, ବାଲିକୁଦା ବ୍ଲକ ସାମ୍ବାଦିକ ପ୍ରଣବ ପ୍ରଧାନ, ପରେଶ ଦାସ, ଅଜୟ କୁମାର ରାଉତ, ବିଧାନ ରାଉଳ, ସଞ୍ଜୟ କୁମାର ମହାନ୍ତି, ଚନ୍ଦ୍ରକାନ୍ତ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ସାମ୍ବାଦିକମାନଙ୍କ ଶକ୍ତି ବୃଦ୍ଧି ପାଇଁ ସଂଘୀୟ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ବାବଦରେ ଉପସ୍ଥିତ ସଦସ୍ୟ ମାନେ ମତ ରଖିବା ସହ ସମସ୍ତେ ଏକତାର ଡୋରୀରେ ବାନ୍ଧି ହୋଇ ରହିବାକୁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ସାମ୍ବାଦିକ ତୀର୍ଥବାସୀ ଦାସଙ୍କ ସହିତ ଅନ୍ୟ ୪ ଜଣ ସାମ୍ବାଦିକ ନୂତନ ସଦସ୍ୟ ଭାବରେ ଯୋଗଦାନ କରିଥିଲେ।

## ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ବାର୍ଷିକ ସମ୍ମାନ




ପାରାଦୀପ, ୮।୧ (ସମିସ) : ପାରାଦୀପ ମହାବିଦ୍ୟାଳୟର ଓଡିଆ ଭାଷା ଓ ସାହିତ୍ୟ ବିଭାଗର ବାର୍ଷିକ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଲେଖିକା ତଥା ଶାରଳା ସାହିତ୍ୟର ସମ୍ମାନ ବିଜେତା ଶ୍ରୀମତୀ ସରୋଜିନୀ ସାହୁ ଯୋଗ ଦେଇ ଓଡ଼ିଆ ଗଳ୍ପର ବିଭିନ୍ନ ଦିଗ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ।ମୁଖ୍ୟ ବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଗାଳ୍ପିକ ଡଃ ଅରବିନ୍ଦ ରାୟ ଯୋଗ ଦେଇ ବିଭିନ୍ନ ଗଳ୍ପ ମାଧ୍ୟମରେ ସାମ୍ପ୍ରତିକ ଗଳ୍ପର ଉଦାହରଣ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗାଳ୍ପିକ ଚିତ୍ତରଞ୍ଜନ ଚିରଞ୍ଜିତ ଯୋଗ ଦେଇ ରେବତୀଠୁ ଏଯାବତ ଗଳ୍ପର ଧାରା ସମ୍ପର୍କରେ କହିଥିଲେ। ଅଧ୍ୟକ୍ଷା ଶ୍ରୀମତୀ ସ୍ମିତା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମାନରେ ବିଭାଗୀୟ ମୁଖ୍ୟ ଡଃ. ସନ୍ତୋଷ ସାମଲ ପରିଚାଳନା କରିଥିବା ବେଳେ ପ୍ରବନ୍ଧ ପାଠ କରିଥିଲେ ଛାତ୍ରୀ କୁମାରି ପୁଷ୍ପାଞ୍ଜଳି ବହିରା। ଏହି ସମ୍ମା ର ବିଷୟବସ୍ତୁ ଥିଲା 'ସାମ୍ପ୍ରତିକ ଓଡିଆ ଗଳ୍ପ'। ଅଧ୍ୟାପିକା ସୁଚିତ୍ରା ପ୍ରଧାନ ଓ ଅଧ୍ୟାପିକା ଶୁଶ୍ରୀସ୍ମିତା ବେହେରା ସମ୍ମାକୁ ସଞ୍ଚାଳନ କରିଥିଲେ। ଏଥିରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।ଶେଷରେ ଅଧ୍ୟାପିକା କାଦମ୍ବିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଗୋଚର ଜମିରୁ କାଟିନେଲେ ମୂଲ୍ୟବାନ ଗଛ

# ରାଜସ୍ୱ ଅଧିକାରୀଙ୍କ ତନାଘନା

କୁଜଙ୍ଗ, ୮।୧(ସମିସ):

କୁଜଙ୍ଗ ତହସିଲ ଅନ୍ତର୍ଗତ ମହ୍ଲାସାହି ଗ୍ରାମରେ ଥିବା ଗୋଚର ଜମିରୁ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ଗଛ ବେଆଇନ୍ ଭାବେ କଟା ଯାଉଥିବା ଦେଖିବାକୁ ମିଳିଛି। ଏହାକୁ ସାଧାରଣରେ ନାପସନ୍ଦ କରିବା ସହ ସ୍ଥାନୀୟ ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ସରକାରୀ ସମ୍ପତ୍ତିରୁ ଏହି ମୂଲ୍ୟବାନ ଗଛ କିଏ ଓ କେଉଁ ଉଦ୍ଦେଶ୍ୟରେ କାଟୁଛି ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏ ସମ୍ପର୍କରେ ସ୍ଥାନୀୟ ଜନସାଧାରଣ କୁଜଙ୍ଗ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିବା ଫଳରେ ତାଳଦଣ୍ଡା ରାଜସ୍ୱ ନିରୀକ୍ଷକ ଘଟଣା ସ୍ଥଳରେ ପହଞ୍ଚି ବେଆଇନ୍ ଗଛ କଟାକୁ ବନ୍ଦ କରିବା ସହ ଗଛ କ୍ରୟ କରୁଥିବା ବ୍ୟବସାୟୀଙ୍କୁ ତାଗିଦ୍ କରିଛନ୍ତି। ସୂଚନା ଅନୁସାରେ, ମହ୍ଲାସାହି ଗ୍ରାମରେ ବିପୁଳ ପରିମାଣରେ ସରକାରୀ ସମ୍ପତ୍ତି ଯଥା ଗୋଚର, ଅନାବାଦୀ, ସଂରକ୍ଷିତ ଜମି ରହିଛି। ତେବେ କିଛି ପ୍ରଭାବଶାଳୀ ବ୍ୟକ୍ତି ଏହି ଜମିକୁ ନିଜ ଅକ୍ତିଆରରେ ରଖିଛନ୍ତି। ଏହାକୁ ନେଇ



ବିଗତ ଦିନରେ ଗ୍ରାମବାସୀଙ୍କ ପକ୍ଷରୁ ଏକ ଜନସ୍ୱାର୍ଥ ମାମଲା ଉଚ୍ଚ ନ୍ୟାୟାଳୟରେ ଦାୟର କରାଯାଇଥିଲା। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ତହସିଲ ପ୍ରଶାସନ ସରକାରୀ ସମ୍ପତ୍ତିକୁ ଜବରଦଖଲ କରିଥିବା ଜବରଦଖଲକାରୀ ମାନଙ୍କୁ ଉଚ୍ଛେଦ କରିଥିଲେ। ତେବେ ସମୟ ଅଭାବରୁ କିଛି ଜମିରୁ ଜବରଦଖଲ ଉଚ୍ଛେଦ ହେବା ସମ୍ଭବ ହୋଇ ପାରିନଥିଲା। ତେବେ ଉକ୍ତ ସରକାରୀ ସମ୍ପତିରେ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ଗଛ ରହିଛି। ଏହି ଜମିକୁ କିଛି ଲୋକ ନିଜ ଅକ୍ତିଆରରେ ରଖିଛନ୍ତି। ଫଳରେ ଏହାର ସୁଯୋଗ ନେଇ କିଛି ବ୍ୟକ୍ତି ଉକ୍ତ ଜମିରୁ ମୂଲ୍ୟବାନ ଗଛ ବେଆଇନ୍ ଭାବେ ଆଜି କାଟୁଥିବା ଦେଖିବାକୁ ମିଳିଥିଲା। ତେବେ ଗ୍ରାମବାସୀ ଏହାକୁ ତୀବ୍ର ବିରୋଧ କରିବା ସହ ସ୍ଥାନୀୟ ତହସିଲଦାର ସୁରୂପା ନନ୍ଦନ ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତୁରନ୍ତ ତହସିଲଦାର ଶ୍ରୀ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ବିଜୟଲକ୍ଷ୍ମୀ ସାହୁ ଘଟଣା ସ୍ଥଳରେ ପହଞ୍ଚି ବେଆଇନ୍ ଭାବେ କଟା ଯାଉଥିବା ଗଛକୁ ବନ୍ଦ ରଖିବାକୁ ତାଗିତ କରି ଫେରିଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ସ୍ଥାନୀୟ ତହସିଲଦାର ଶ୍ରୀ ବେହେରାଙ୍କୁ ପଚାରିବାରୁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଘଟଣା ସ୍ଥଳକୁ ପରିଦର୍ଶନ କରିବା ସହ ଗଛ କଟାକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଯଦି ସରକାରୀ ସମ୍ପତିରୁ ମୂଲ୍ୟବାନ ଗଛ ବେଆଇନ୍ ଭାବେ ଯିଏ ବ ନେଇଥିବ, ଆଇନ ଅନୁଯାୟୀ ପଦେକ୍ଷପ ନିଆଯିବ ବୋଲି ଶ୍ରୀ ବେହେରା ପ୍ରକାଶ କରିଛନ୍ତି।

## ମାଗଣା ଚକ୍ଷୁ ପରୀକ୍ଷା ଶିବିର

ପାରାଦ୍ୱୀପ, ୮।୧ (ସମିସ): ନିଉ ଇଣ୍ଡିଆ ଆସୁରାନ୍ସ କମ୍ପାନୀ, ପାରାଦ୍ୱୀପ ଶାଖା କାର୍ଯ୍ୟାଳୟ ପକ୍ଷରୁ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ଅଗ୍ରୱାଲ ଚକ୍ଷୁ ଚିକିତ୍ସା କେନ୍ଦ୍ର, ପାରାଦ୍ୱୀପ ସହାୟତାରେ ଏହି ଦିନିକିଆ ଚକ୍ଷୁ ପରୀକ୍ଷା ଶିବିରରେ ସ୍ଥାନୀୟ ଅଞ୍ଚଳର ଗାଡି ଚାଳକ, ବ୍ୟାଙ୍କ କର୍ମଚାରୀ, ବିଭିନ୍ନ ଷ୍ଟିଭର୍ଡର କର୍ମଚାରୀ, ସ୍ଥାନୀୟ ବ୍ୟବସାୟୀ, ବସ୍ତି ବାସିନ୍ଦା ଓ ଆଖପାଖର ଅଞ୍ଚଳର ୧୫୫ ଜଣ ଚକ୍ଷୁ ପରୀକ୍ଷା କରାଇଥିଲେ। ସେମାନଙ୍କ ମଧ୍ୟରୁ ୫୦ ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିଲା।




ପାରାଦ୍ୱୀପ ଶାଖା ପରିଚାଳକ ବ୍ରଜ କିଶୋର ସାହୁ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ଶାଖାର କର୍ମଚାରୀ ତ୍ରିନାଥ ଗୋଛାୟତଙ୍କ ସମେତ ସମସ୍ତ ଏଜେଣ୍ଟ ଓ କର୍ମଚାରୀ ମାନେ ସହଯୋଗ କରିଥିଲେ। ଡ. ଅଗ୍ରୱାଲ ଚକ୍ଷୁ ଚିକିତ୍ସାଳୟରଡ.ମୃତ୍ୟୁଞ୍ଜୟଘୋଷଓକର୍ପୋରେଟ ମ୍ୟାନେଜେର ରାଜେଶ ସିଂଦେଓ ଉକ୍ତ ଶିବିରରେ ଉପସ୍ଥିତ ରହି ଚକ୍ଷୁ ପରୀକ୍ଷା କରାଇଥିଲେ। ପାରାଦ୍ୱୀପ ଏକ ଶିଳ୍ପଭିତ୍ତିକ ସହର ହୋଇ ଥିବାରୁ ଧୂଳି ଓ ରାସାୟନିକ ବାଷ୍ପ ବାୟୁ ମଣ୍ଡଳରେ ମିଶି ବାୟୁ ପ୍ରଦୂଷଣ ଯୋଗୁଁ ବହୁ ଲୋକଙ୍କ ଆଖି ଲାଲ ପଡ଼ିବା ସହ ଆଖି ଯନ୍ତ୍ରଣା ଅନୁଭୂତ ହେଉଛି। ଏନେଇ କମ୍ପାନୀ ପକ୍ଷରୁ ଆୟୋଜିତ

## ପାରାଦୀପ ଦୋଛକିରେ ଦୁର୍ଘଟଣା: ଟ୍ରାକ୍ଟର ୨ ଖଣ୍ଡ



ପାରାଦୀପ, ୮।୧ (ସମିସ) : ପାରାଦୀପ ଉପକଣ୍ଠ ଦୋଛକିରେ ଆଜି ଏକ ବଡ଼ଧରଣର ଦୁର୍ଘଟଣା ଘଟିଯାଇଛି। ରାସ୍ତା କଡ଼ରେ ରହିଥିବା ଡିଭାଇଡରରେ ପିଟି ହେଇ ଟ୍ରାକ୍ଟର ଚକାରୁ ଇଞ୍ଜିନ ଅଲଗା ହୋଇଯାଇଛି। ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଟ୍ରକ୍ ଡ୍ରାଇଭର। ଏବେ ସବୁ ଅଞ୍ଚଳରେ ଚାଲିଛି ସଡ଼କ ସୁରକ୍ଷା ମାସ, ହେଲେ ଦୁର୍ଘଟଣା ଉପରେ ଲାଗି ପାରୁନି ରୋକ୍। ଗାଡ଼ି ଡ୍ରାଇଭର ମାନୁନି, ପୁଲିସ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେଉଛି। ଯଦି ଠିକ୍ ଢଙ୍ଗରେ ଅମାନିଆଙ୍କ ବିରୋଧରେ ଉଚିତ ପଦକ୍ଷେପ ନିଆଯାଅନ୍ତା, ତେବେ ଡ୍ରାଇଭର ନିଶା ସେବନ କରି ଗାଡ଼ି ଚଳାଇବାକୁ ଭୟ କରନ୍ତା। ଲୋକେ ବାଇକ୍ ଟିଏ ଧରି ଘରୁ ବାହାରିଲେ, ହେଲମେଟ ପିନ୍ଧନ୍ତେ ଏବଂ ଗାଡ଼ି ଚଳାଇବା ବେଳେ ଫୋନ୍ ବ୍ୟବହାର କରିବାକୁ ଭୟ କରନ୍ତେ। ପୁଲିସ ପକ୍ଷରୁ କଡ଼ାକଡ଼ି ଭାବେ ଏହା ଉପରେ ସବୁଦିନ ଚେକିଂ ହେବା ଆବଶ୍ୟକ। ଏହା ଭିତରେ ପାରାଦୀପରେ ଦୁଇଦିନ ଭିତରେ ଦୁଇ ଦୁଇଟି ଦୁର୍ଘଟଣା ଘଟିଲାଣି। ଆଜି ସକାଳୁ ବାଲି ବୋଝେଇ ହାଇୱା ବାଲି ଆଣି ପାରାଦୀପ ଆସୁଥିବା ବଳେ ଦୋଛକିରେ ଗାଡିଟି ନିୟନ୍ତ୍ରଣ ହରାଇ ଡିଭାଇଡ଼ରରେ ପିଟି ହୋଇ ଯାଇଥିଲା। ଏଥିରେ ଡିଭାଇଡର ଭାଙ୍ଗି ଇଞ୍ଜିନ ଚକା ଅଲଗା ହୋଇ ଯାଇଥିବା ବେଳେ ଗାଡିଟି ଓଲଟି ପଡ଼ିଥିଲା। ନିକଟରେ କୌଣସି ଗାଡ଼ି କିମ୍ବା ଲୋକେ ନଥିବାରୁ ସେଭଳି କାହାର କିଛି ହୋଇ ନଥିବା ଦେଖିବାକୁ ମିଳିଥିଲା। ଆଜି ସକାଳୁ ସକାଳୁ ଏଭଳି ଦୁଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। କାହାର କିଛି କ୍ଷତି ହୋଇନଥିବା ବଳେ ଦ୍ରୁତ ଗତିରେ ଆସୁଥିବାରୁ ଏଭଳି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ପାରାଦୀପ ଲକ୍ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା।

## ମାତୃଶକ୍ତି କଳା ଓ ସଂସ୍କୃତି ସୁରକ୍ଷା ପରିଷଦର ସମାବେଶ



ବାଲିକୁଦା, ୮।୧ (ସମିସ): ବାଲିକୁଦା ବ୍ଲକ ମାତୃଶକ୍ତି କଳା ଓ ସଂସ୍କୃତି ସୁରକ୍ଷା ପରିଷଦ ପକ୍ଷରୁ ନୂତନ ବର୍ଷ ଉପଲକ୍ଷେ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର କଳାକାର ମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରତ୍ନାକର ମହାରଣା ବକ୍ତା ଭାବେ ପ୍ରେମାନନ୍ଦ ପରିଡ଼ା, ସମ୍ମାନିତ ଅତିଥି ଭାବେ ସରୋଜ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ଅଭିମନ୍ୟୁ ମହାନ୍ତି ସଭାପତିତ୍ୱ କରିଥିବା ବେଳେ ମଞ୍ଚ ପରିଚାଳନା ପ୍ରଶାନ୍ତ କୁମାର ମହାନ୍ତି କରିଥିଲେ। ଏହି ଅବସରରେ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ଦେବକାନ୍ତ ବିଶ୍ୱାଳ, ସମ୍ପାଦକ ରମେଶ ଚନ୍ଦ୍ର ପରିଡ଼ା, ସଂଗଠକ ଅକ୍ଷୟ ବେହେରା, ଦୁର୍ଗାଚରଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ନୃତ୍ୟ ଓ ସଙ୍ଗୀତର ଅଧ୍ୟୟନ ଛାତ ଛାତ୍ରୀ ଓ ସେମାନଙ୍କ ଅଭିଭାବକମାନେ ଉପସ୍ଥିତ ଥିଲେ। ପରିଷଦର ସଦସ୍ୟ ମାନଙ୍କ ମଧ୍ୟରେ ଜ୍ଞାନେନ୍ଦ୍ର ବାରିକ ସହ ସମ୍ପାଦକ ରବୀନ୍ଦ୍ର ସେଠୀ, କ୍ଷେତ୍ର ମୋହନ ମୁଦୁଲି, କୈଳାସ ବେହେରା, ଆଲୋକ ମହାନ୍ତି, ଅଭୟ ନାୟକ, ନରେଶ ସେଠୀ ଓ ସୁକାନ୍ତ କାଣ୍ଡି ଆଦି ଯୋଗ ଦେଇଥିଲେ।

## ବାଳିକା ଆତ୍ମରକ୍ଷା ଶିବିର

ବାଲିକୁଦା, ୮।୧(ସମିସ): ବାଲିକୁଦା ବ୍ଲକ ବରମୁଣ୍ଡଳୀ ପଞ୍ଚାୟତ ତାଳଗାଁଠାରେ ଥିବା ବାସୁଦେବ ମହାପାତ୍ର ସ୍ମାରକୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ କଲେଜ ଅଧ୍ୟକ୍ଷ ଉପେନ୍ଦ୍ରନାଥ ପରିଡ଼ା ଅନୁଷ୍ଠାନିକ ଭାବେ ଫିତା କାଟି ଉଦଘାଟନ କରିଥିଲେ। ଆଜିର ସମାଜରେ ନାରୀ ଓ ପୁରୁଷ ମାନଙ୍କର ସମାନ ଅଧିକାର ରହିଛି ଏଣୁ ଜଣେ ନାରୀ ନିଜକୁ ସୁରକ୍ଷିତ ରଖିବା ପାଇଁ ନିଜେ ଆଲୌକିକ କୌଶଳ ଶିଖିବା ନିହାତି ଆବଶ୍ୟକ ବୋଲି ଅଧକ୍ଷ ଉପସ୍ଥିତ ଛାତ୍ରୀ ମାନଙ୍କୁ କହିଥିଲେ। ପୋଗ୍ରାମ ଅଫିସର ଦାୟିତ୍ୱରେ ଥିବା ଅଧ୍ୟାପିକା ଦିପ୍ତିମୟୀ ଜେନା ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ଏହି ଶିବିରର ଆୟୋଜନ କରିବାର ଉଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରାଇଥିବା ବେଳେ ଟ୍ରେନର ପୂଜା ସ୍ୱାଇଁ ବାଳିକା ମାନେ ନିଜର ସୁରକ୍ଷା ପାଇଁ କୌଶଳ ଶିଖିବା ନିତ୍ୟାନ୍ତ ଆବଶ୍ୟକ ବୋଲି କହିଥିଲେ। ପରେ ଶତାଧିକ ଛାତ୍ରୀଙ୍କୁ କଲେଜ ପଡ଼ିଆରେ ପ୍ରଶିକ୍ଷକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ମିତାଲି ମଧୁସ୍ମିତା ସାହାଣୀ, କାର୍ତ୍ତିକ ଚନ୍ଦ୍ର ନାୟକ, ବୀରବର ପରିଡ଼ା, ବିସ୍ମୟ କୁମାର ମିତ୍ର, ସୁମିତ୍ରା ମହାନ୍ତି, ଆଲୋକ ଜେନା, ପ୍ରଶାନ୍ତ ମହାନ୍ତି, ଗୀତାଞ୍ଜଳି ସାହୁ, ବରିଷ୍ଠ କିରାଣୀ ଅକ୍ଷୟ ପ୍ରଧାନ, ମାଧବା ନନ୍ଦ ରାଉତ କର୍ମଚାରୀ ନରେଶ ରାଉତ, ସୁରେନ୍ଦ୍ର ବିଶ୍ୱାଳ, ବିଜୟ ସେଠି, କ୍ଷୀରୋଦ ବେହେରା, ଭିକାରୀ ମହାନ୍ତି, ସୁନାକର ସ୍ୱାଇଁ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ। କଲେଜର ସମସ୍ତ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ସଂଗ୍ରାମୀ ବିମ୍ବାଧର ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସଂଘର ସଭାପତି ମନୋନୀତ

ଡେରାବିଶ, ୮।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସଂଘର ସଭାପତି ବରିଷ୍ଠ ସଂଗ୍ରାମୀ ବିମ୍ବାଧର ମଦୁଲିଙ୍କୁ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସଂଘର ସଭାପତି ଭାବେ ମନୋନୀତ କରାଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ଡେରାବିଶ ବ୍ଲକ ସମେତ ବିଭିନ୍ନ ଅଞ୍ଚଳରୁ ବିମ୍ବାଧରଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଆଜି ବ୍ଲକ ଅଧୀନ କାଉପଡ଼ା ପଞ୍ଚାୟତ ନିଳିକଣା ସ୍ଥିତ ତାଙ୍କ ବାସଭବନକୁ ଯାଇ ବହୁ ବୁଦ୍ଧିଜୀବୀ, ସ୍ୱାଧୀନତା ସଂଗ୍ରାମ ଉତ୍ତରଦାୟାଦ ସଂଘର କର୍ମକର୍ତ୍ତା, ଶିକ୍ଷାବିତ୍, ଚାଷିନେତା ଓ ବହୁ ସଂଖ୍ୟାରେ ଅଞ୍ଚଳବାସୀ ବିମ୍ବାଧରଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି।



**ବିଭିନ୍ନ ମହଲରୁ ଶୁଭେଚ୍ଛା**

ଏହି ଅବସରରେ ଗାନ୍ଧୀ ସ୍ମୃତି ପରିଷଦର ସମ୍ପାଦକ ରାଜେଶ କୁମାର ପଣ୍ଡା, ଶିକ୍ଷକ ନେତା ପ୍ରମୋଦ କୁମାର ବେହେରା, ବରିଷ୍ଠ ଆଇନଜୀବୀ ବିଜୟ କୁମାର ପରିଡ଼ାଙ୍କ ସମେତ ବହୁ ବ୍ୟକ୍ତି ବିମ୍ବାଧରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସୂଚନାଯୋଗ୍ୟ ୧୯୩୪ ମସିହାରେ ଗାନ୍ଧିଜୀ କେନ୍ଦ୍ରାପଡ଼ା ଅଞ୍ଚଳକୁ ହରିଜନ ପଦଯାତ୍ରରେ ଆସିଥିବା ବେଳେ ସ୍ଥାନୀୟ ଅଞ୍ଚଳର ବହୁ ସଂଗ୍ରାମୀଙ୍କ ସମେତ ବିମ୍ବାଧର ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ। ସ୍ୱାଧୀନତା ପରବର୍ତ୍ତୀ ଅବସ୍ଥାରେ ଡେରାବିଶ ବ୍ଲକ ଅଞ୍ଚଳ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଶିକ୍ଷାର ପ୍ରଚାର ପ୍ରସାର, ଅସ୍ପୃଷ୍ୟତା ଓ ନିଶା ନିବାରଣ ପାଇଁ ବିଭିନ୍ନ ଗ୍ରାମରେ ଯୁବକମାନଙ୍କୁ ସଚେତନର ବାର୍ତ୍ତାପହଞ୍ଚାଇବା ସହ ଗାନ୍ଧିଜୀଙ୍କ ଜୀବନାଦର୍ଶନରେ ଅନୁପ୍ରାଣୀତ ହେବାକୁ ପ୍ରେରଣା ଯୋଗାଉଥିଲେ।

## ଶିଶୁ ସାହିତ୍ୟିକ ଉଦୟନାଥ ଷଡଙ୍ଗୀଙ୍କ ଶ୍ରଦ୍ଧାବାର୍ଷିକୀ



ଜଗତସିଂହପୁର, ୮।୧(ସମିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଖ୍ୟାତନାମା ଶିଶୁ ସାହିତ୍ୟିକ ଉଦୟନାଥ ଷଡଙ୍ଗୀଙ୍କ ୨୬ତମ ଶ୍ରାଦ୍ଧବାର୍ଷିକ ଆଜି ଜଗତ୍‌ସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ପାଳିତ ହୋଇଯାଇଛି। ସ୍ଥାନୀୟ ତରଡ଼ାପଡ଼ା ସ୍ଥିତ ଗଟାଇମ୍ପ ଗୁରୁକୁଳ ପରିସରରେ ଆୟୋଜିତ ସଭାରେ ପରିଷଦର ସଭାପତି ହିମାଂଶୁ ଆଚାର୍ଯ୍ୟ ସଭାପତିତ୍ୱ କରି ସ୍ୱର୍ଗତ ଉଦୟନାଥ ଷଡଙ୍ଗୀଙ୍କୁ ଜନ୍ମ ଦେଇ ଏ ମାଟି ଧନ୍ୟ ହୋଇଛି ବୋଲି କହିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଭବାନୀ ଶଙ୍କର ପଟ୍ଟନାୟକ ଆଲୋଚନାରେ ଅଂଶ ଗ୍ରହଣ କରି ଉଦୟନାଥ ଷଡ଼ଙ୍ଗୀଙ୍କ ଟୁଉକୁମୂଷି, ଚକାଚକା ଭଉଁରୀ, ଜହ୍ନମାମୁଁ ଆଦି କବିତା ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷୟିତ୍ରୀ ପୂଜାରାଣୀ ବାରିକ ତାଙ୍କ ବବକ୍ତବ୍ୟରେ ଅନୁବାଦ ପୁସ୍ତକ ବିଶେଷ କରି 'ଟମ୍ କକାଙ୍କ କୁଟୀର' ପାଇଁ ସ୍ୱର୍ଗତ ଷଡ଼ଙ୍ଗୀ ସବୁଦିନେ ସ୍ମରଣୀୟ ହୋଇ ରହିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ରଶ୍ମିରଞ୍ଜନ ମିଶ୍ର, ଶିକ୍ଷୟିତ୍ରୀ ସୌମ୍ୟ ଶୁଭଦର୍ଶିନୀ, ଜ୍ୟୋର୍ତିମୟୀ ମହାନ୍ତି, ଶର୍ମିଷ୍ଠା ପ୍ରିୟଦର୍ଶିନୀ ପ୍ରମୁଖ ଆଲୋଚନାରେ ଭାଗ ନେଇ ସ୍ୱର୍ଗତ ଉଦୟନାଥ ଷଡଙ୍ଗୀଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଆୟୋଜିତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀ ସାଇ ସ୍ୱରୂପ, ନାଜିଆ, ଅଙ୍କିତା, ସଇଫୁଲ୍ ଓ ଦେବୀ ପ୍ରଦୋତ୍ତାଙ୍କୁ ପରିଷଦ ତରଫରୁ ବରପୁତ୍ରଙ୍କ ଜୀବନୀ ପୁସ୍ତକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତ୍ୟୁଷରେ ଶ୍ରୀ ଆଚାର୍ଯ୍ୟ ସଦରମହକୁମା ସ୍ଥିତ ସିପିଛକ ଠାରେ ଥିବା ସ୍ୱର୍ଗତ ଷଡଙ୍ଗୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶେଷରେ ସୁଶ୍ରୀ ଅଞ୍ଜୁଷା ଧନ୍ୟବାଦ ଦେଇଥିଲେ।

### ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟା

# ୫ ଜଣଙ୍କୁ ଜିଲ୍ଲା ଗୌରବ ସମ୍ମାନ

କେନ୍ଦ୍ରାପଡ଼ା, ୮।୧(ସମିସ):

କେନ୍ଦ୍ରାପଡ଼ା ରାଜ୍ୟସ୍ତରୀୟ ପୁସ୍ତକମେଳାର ତୃତୀୟ ସନ୍ଧ୍ୟାରେ କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ସଂସଦ ଆନୁକୂଲ୍ୟରେ ସାହିତ୍ୟ ସଭା, ଆଲୋଚନା ଚକ୍ର, ସାହିତ୍ୟରେ ମାନବବାଦ, କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ପର୍ବ ସାହିତ୍ୟ ସଂସଦର କାର୍ଯ୍ୟକାରୀ ସଭାପତି କବି କରୁଣାକର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କଥାକାର ତଥା ଭାରତୀୟ ରେଳପଥ ଟ୍ରାଫିକ୍ ସେବାର ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ କୃପାସାଗର ସାହୁ ଯୋଗଦେଇ କହିଲେ ଯେ, ସାହିତ୍ୟ ମଣିଷ ଜୀବନ, ଯନ୍ତ୍ରଣା, ପରିବେଶ ସମ୍ପର୍କରେ ନ କହିଲେ ସେ ସାହିତ୍ୟ କାଳଜୟୀ ହୋଇପାରିବ ନାହିଁ। ଗୋଦାନ, ଲକ୍ଷ୍ମୀପୁରାଣ, ଓଡିଆ ଭାଗବତ, ରେବତୀ ଗଳ୍ପ ଓ ଛ'ମାଣ ଆଠ ଗୁଣ୍ଠ ଇତ୍ୟାଦି ମାନବବାଦର ବାର୍ତ୍ତା ବହନ କରେ। ମୁଖ୍ୟବକ୍ତା ଭାବରେ କବି ଓ ସ୍ତମ୍ଭକାର ନିରାକାର ଦାସ ଯୋଗ ଦେଇ କହିଲେ ଯେତେବେଳେ ସାହିତ୍ୟ ସମାଜର ସର୍ବହରା ମଣିଷ କଥା କହିବ, ସେହି ସାହିତ୍ୟ ମାନବବାଦୀ ସାହିତ୍ୟ ପଦବାଚ୍ୟ ହେବ। ଓଡିଆ ସାହିତ୍ୟରେ ମାନବବାଦ ଆଲୋଚନାଚକ୍ରରେ ଭାଗ ନେଇ ଅତିଥିମାନେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଲେଖିକା ସୁନନ୍ଦା ପ୍ରଧାନ, ଶିକ୍ଷାବିତ୍ ଡଃ. ସର୍ବେଶ୍ୱର ସେଣ, ସୁରେନ୍ଦ୍ର ଆଚାର୍ଯ୍ୟ ଯୋଗଦେଇଥିବା ବେଳେ ବରେଣ୍ୟ ଅତିଥି ଭାବରେ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଯୋଗଦାନ କରି ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏଥିରେ ପ୍ରାବନ୍ଧିକ ଅଲେଖ କୁମାର ଦାଶ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସାହିତ୍ୟ ସଂସଦର ସମ୍ପାଦକ ଶୁଭାଂଶୁ କୁମାର ଦାସ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିବା ବେଳେ ଉପସଭାପତି ପ୍ରଦୀପ କୁମାର ଦାଶ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ମୁଖ୍ୟ ଅତିଥି ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ପଣ୍ଡିତ ବାସୁଦେବ ପ୍ରସାଦ ଆଚାର୍ଯ୍ୟଙ୍କ ପୁସ୍ତକ ସଂଯୁକ୍ତା ଓ ଶିକ୍ଷକ ନୃସିଂହ ତ୍ରିପାଠୀଙ୍କ ରଚିତ ପୁସ୍ତକ ପିଲାଙ୍କର ପ୍ରିୟ ନୃସିଂହ ସାର ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା। କବି ଅଶୋକ ସାହୁ, କାକୁଳି ମଲ୍ଲିକ ଓ ନିରୁପମା ଦାସଙ୍କ ମିଳିତ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅବସରରେ ବିଶିଷ୍ଟ କବି ସଦାଶିବ ଦାସଙ୍କୁ ଅଣୁକବି ବ୍ରହ୍ମାନନ୍ଦ ଦାସ ଓ କେନ୍ଦ୍ରାପଡ଼ା ଜିଲ୍ଲା ସମ୍ମାନ, ନବଘନ ନାୟକଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ସମ୍ବାଦ ସାହିତ୍ୟ ଗୌରବ, ଆକବର ଅଲ୍ଲୀଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ସମାଜ ସେବା ଗୌରବ, ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ଚିତ୍ରକଳା ଗୌରବ ସମ୍ମାନ ଓ ଆଦିକନ୍ଦ ସାହୁଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ସମ୍ବାଦ ସାହିତ୍ୟ ଗୌରବ ସମ୍ମାନରେ






କରାଯାଇଥିଲା। ଏହି ସଭାରେ କେମ୍‌ର ପ୍ରତିଷ୍ଠାତା ଡଃ ବିରଜା ରାଉତରାୟ, ସଭାପତି ଅକ୍ଷୟ ପାଣି, ସମ୍ପାଦକ ଏମ୍‌ଡି ଜାହିଦ୍ ଖାଁ, ନୃସିଂହ ଚରଣ ତ୍ରିପାଠୀ, ଶ୍ରୀଧର ଭୋଳ, ମନୋରଞ୍ଜନ ତ୍ରିପାଠୀ, ଆଦିକନ୍ଦ ରାଉଳ, ଅବନ୍ତୀ ବେହେରା, ରଣଧିର ଜେନା, ଡଃ ନାରାୟଣ ପ୍ରସାଦ ଜେନା, ଆଦିକନ୍ଦ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବାହ୍ନରେ ପୁନର୍ବାସ ପକ୍ଷରୁ ଦୃଷ୍ଟିବାଧିତ କଣ୍ଠଶିଳ୍ପୀ ରଞ୍ଜିତ ରଞ୍ଜନ ନାୟକଙ୍କ ସଂଯୋଜନାରେ ଦିବ୍ୟାଙ୍ଗମାନଙ୍କ ଦ୍ୱାରା ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଏହି ଭଜନ ସନ୍ଧ୍ୟାରେ ଭିନ୍ନକ୍ଷମ କଳାକାର ସାରଦା ପ୍ରସାଦ ନାୟକ, ବିଷ୍ଣୁ କୁମାର, ଶାନ୍ତିଲତା, ସୌମ୍ୟ ରଞ୍ଜନ ଓ ରାଜା ପ୍ରମୁଖ ଭଜନ ପରିବେଷଣ କରିଥିଲେ।

ସନ୍ଧ୍ୟାରେ ସୃଜନ ଦିଗନ୍ତ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚଳିତ ପୁସ୍ତକମେଳାରେ ୫୨ଟି ଷ୍ଟଲ୍ ଖୋଲାଯାଇଛି। ପୁସ୍ତକ କିଣିବା ପାଇଁ ଗ୍ରାହକଙ୍କର ଭିଡ଼ ଲାଗିଛି। ଆଜିର କାର୍ଯ୍ୟକ୍ରମରେ କେମ୍‌ର ସଦସ୍ୟ ଅଭିମନ୍ୟୁ ରାଉତ, ସ୍ୱପ୍ନାଂଶୁ ଦାସ, ପ୍ରତାପ ସ୍ୱାଇଁ, ଜ୍ୟୋତିରଞ୍ଜନ ନାୟକ, ଶେଷଦେବ ଦାସ, ଅମ୍ରିନ ଶାହାଦତ୍, ଗୀତା ସ୍ୱାଇଁ, ଶିବ ଚରଣ ସାମଲ ଓ ଶାନ୍ତନୁ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

